ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

୨୦୨୦

ନୂତନ ବର୍ଷର ଅଭିନନ୍ଦନ

visit : www.hirranmayi.com

ବିଶେଷାଙ୍କ

ସୃଜନୀ ପରିବାର,ଚେନ୍ନାଇ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

୨୦୨୦

ହିରଣ୍ମୟୀ - ବିଶେଷାଙ୍କ - "ନୂତନ ବର୍ଷର ଅଭିନନ୍ଦନ " (ଇଂରାଜୀ ନୂଆ ବର୍ଷ -୨୦୨୦)

ଏହି ବିଶେଷାଙ୍କ କୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :

ନବବର୍ଷର ନୂତନ ସୂର୍ଯ୍ୟ ହସୁ
ଶ୍ରୀ ପ୍ରହ୍ଲାଦ ଜେନା

ଏକକ ଓଁକାର
ହରିଶଙ୍କର ବଡ଼ପଣ୍ଡା

ମୁଁ ନବବର୍ଷ
ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା

ପ୍ରତିଶ୍ରୁତି ଦିଅ ନୂଆ ବରଷ
ସୁଦ୍ଧମା ପଣ୍ଡା

ଶୁଭଙ୍କର ହେଉ ନୂଆ ବରଷ
ତ୍ରିଲୋଚନ ପଣ୍ଡା

ନୂଆ ବରଷ ହେ ଆସ
ଡକ୍ଟର ସଚ୍ଚିଦାନନ୍ଦ କର

ନୂଆ ବରଷ
କମଳିନୀ ଦେବୀ

ଆହେ ଚକାଡୋଳା
ଅମ୍ବିକା ସ୍ୱାଇଁ

ନବ ବରଷ
ହେମନ୍ତ କୁମାର ଦାଶ

ନିଆରା ନବବର୍ଷ
ପ୍ରଶାନ୍ତ କୁମାର ନାଥ

ନୂଆ ବରଷ ର ନୂଆ ସନ୍ଦେଶ
ଶ୍ରୀ ଜମ୍ବୁଧର ବାଗ

ନୂଆବର୍ଷ !!
ବିଶ୍ୱ ଭାରତୀ ଦାଶ

ଶ୍ରୀମତୀ ତାପ୍ତିମୟୀ ପଣ୍ଡା ଙ୍କ ଦୁଇଟି କବିତା : **ସ୍ୱାଗତ ଗୀତିକା ଗାଏ / ଏବେ ଆଲୋକ କୁ ନିଅ**

ତଥାପି ସପନ ସରିନି
ପ୍ରୀତିନନ୍ଦା ପାଣିଗ୍ରାହୀ

ନୂଆ ବର୍ଷ : କିଛି କଥା କିଛି ବ୍ୟଥା
ପ୍ରତିଭା ପରିଜା

ନୂଆବର୍ଷ
ସୁପ୍ରଭା ସାମଲ

ଅନ୍ତର ଉଚ୍ଛ୍ୱାସ
ରମେଶ ଚନ୍ଦ୍ର ପସାଏତ୍

ତୁମକୁ ଶୁଭ ନୂଆବର୍ଷ
ସାବିତ୍ରୀ ପୁରୋହିତ

ନୂତନ ଅଭିସାରରେ ଆସୁ ନବବର୍ଷ
ପଙ୍କଜିନୀ ଉପାଧ୍ୟୟ

ବିଶ୍ୱାସୀ -ବିଶ୍ୱ
ପ୍ରବାସିନୀ ହୋତା

ସୁଦର୍ଶନ ମହାପାତ୍ରଙ୍କ ଦୁଇଟି କବିତା: **ତୁମେ ଏଥର ଆସ/ସ୍ୱାଗତ ନୂଆବର୍ଷ**

ପରିକ୍ରମଣ
ଜୟଶ୍ରୀ ପଟ୍ଟନାୟକ

ନବୀନ ସଂକଳ୍ପ
ଅରୁଣ କୁମାର ମହାନ୍ତି

ନବବର୍ଷକୁ ଉପଦେଶ
ଲତିକା ବିଳାସ

ସତ କୁହ ହେ ନୂଆ ବରଷ
ବାଉରୀବନ୍ଧୁ ଲେଙ୍କା

ଅଭିନନ୍ଦନ ତୁମକୁ
ଶ୍ରୀମତୀ ବସନ୍ତ ମିଶ୍ର

ଶରଣ ଦିଅ ହେ ଶ୍ରୀହରି
ସୁଷମା ପରିଜା

ଜୀବନ ତପସ୍ୟା
ଦୀପକ କୁମାର ଦେ

ଶୁଭ ନବବର୍ଷ
କନକ ଲତା ଦାଶ

ଡକ୍ଟର କୃତିବାସ ନାୟକଙ୍କ ତିନୋଟି କବିତା: **ନୂଆବରଷ / ଅଡୁଆ କଥା ଜୀବନ ଦର୍ଶନ: ମୋ ପ୍ରଶ୍ନର ଉତ୍ତର**

ଆହେ ପ୍ରଭୁ ଜଗନ୍ନାଥ !
ଶ୍ରୀମତୀ ବୀଣାପାଣି ରାଏଗୁରୁ

ଆସୁଛି ନୂଆବରଷ-ଜାଇଫୁଲ ଲୋ
ଧନେଶ୍ୱର ଦାଶ

ବଦଳିବାର ଅଛି
ରାଜଲକ୍ଷ୍ମୀ ତ୍ରିପାଠୀ

ନୂଆବର୍ଷ ! -ତୁମେ ଆସିବ ବୋଲି
ବନ୍ଦିତା କର

ନବବର୍ଷ
ପଦ୍ମିନୀ ମହାପାତ୍ର

ଦେଖା ହେଲା ପରେ
ରଶ୍ମିତା ଦୀକ୍ଷିତ

ଆହେ ଚକାଆଖି ନିରାଶ ନ କର
ମୁରାରୀ ପ୍ରସାଦ ପଶାଏତ

ନୂଆବର୍ଷ : ଏକ ସମୀକ୍ଷା
ସୁଧାଂଶୁ ଶେଖର ଦ୍ୱିବେଦୀ

ହେ ନବବର୍ଷ !
ମନୋରମା ମିଶ୍ର

ହେ ନବବର୍ଷ !-ତୁମେ ଏମିତି ଆସୁଥାଅ : ସବିତା ଶତପଥୀ

ନୂଆବର୍ଷ
କଞ୍ଚୁରୀ ଚରଣ ରାଉତ

ଯୁଗଳବନ୍ଦୀ ଶ୍ରୀ ଲଳିତ ମୋହନ ମିଶ୍ର ଓ ପ୍ରଣତି ଆଚାର୍ଯ୍ୟ ମିଶ୍ର ଙ୍କ **ଦୁଇଟି କବିତା :ପ୍ରେମର ଫଲ୍‌ଗୁ / ନୂଆ ନୂଆ ଲାଗେ**

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ



ନବ-ବର୍ଷର ନୂତନ ସୂର୍ଯ୍ୟ ହସୁ

ଶ୍ରୀ ପ୍ରହ୍ଲାଦ ଜେନା

ମନ୍ଦ୍ରିତ ତାନେ ନନ୍ଦିତ ସ୍ୱରେ ବାଜି ଉଠେ ଅବାହନୀ
ବନ୍ଦିତ ତୁମେ ନୂତନ -ବର୍ଷ ନବଯୁଗ ଅଭିସାରୀ
ହେ ବିଦାୟୀ -ପ୍ରିୟ ବିଗତ -ବର୍ଷ ପ୍ରଣତି ଘେନ ହେ ମୋର
ଜନତା କଣ୍ଠେ ଭରିଦିଅ ଆଜି ଉଲ୍ଲାସ ଜୟଧ୍ୱନି
ବାଜିଉଠୁ ଆବାହନୀ ।

ତନ୍ଦ୍ରା ଫିଟାଇ ନବ -ସ୍ୱପ୍ନର ଶୁଭ -ସଂକେତ ଦିଅ
ଛନ୍ଦିତ କର ଶ୍ରାନ୍ତ ପଥୁକୀ କ୍ଲାନ୍ତ -ଚରଣ -ଦୁଇ
ନଶ୍ୱର ଆହେ ସାର୍ଥକ କର ଜୀବନ -ଉଷର-ପଥ
ବିପ୍ଳବୀ ତୁମେ ରୁଦ୍ଧ କଣ୍ଠେ ବିପ୍ଳବ ଗାନ ଗାଅ
ବିଶ୍ୱ ମୁରୁଜ ବାଅ ।

ଦୁର୍ନୀତି ପଛେ ଚଳାଅ ତୁମର ଦୁର୍ମଦ -ଅଭିଯାନ
ଦୁର୍ଗମ -ପଥ ଆଲୋକିତ କର ଉଷ୍ମ -ଶୋଣିତ -ଦାନେ
ଅତ୍ୟାଚାରର ଅନ୍ଧକାରରୁ ଦୀପ୍ତ- ମଶାଲ ଉଠୁ
ଜନମଙ୍ଗଳେ ଜାଗରେ ସର୍ବେ ତେଜି ସବୁ ଅଭିମାନ
ଶୁଭ ହେଉ ଅଭିଯାନ ।

ରକ୍ତ -ରାଗର - ବର୍ଣ୍ଣ ଫୁଟିଛି ଉଦୟ ଉଷାର ତୀରେ
ନବ -ବର୍ଷର -ତୂର୍ଯ୍ୟ ବଜାଇ ଝଙ୍କୃତ କରି ଧରା
ପୋଛିଦିଅ ତୁମେ ବିଗତ -ବର୍ଷ ଦୈନ୍ୟ ଅଭାବ ଯେତେ
ନୂତନର ହେଉ ଅଭିଷେକ ଆଜି ଛନ୍ଦିତ - କୋଟି - ସୁରେ
ସୂର୍ଯ୍ୟ ହସୁରେ ଦୂରେ ।

କବିତା ପ୍ରକାଶ କାଳ : ମସିହା - ୧୯୫୯

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ନୂତନ ବର୍ଷର ଅଭିନନ୍ଦନ

॥ ଏକକ ଓଁକାର ॥

ହରିଶଙ୍କର ବଡପଣ୍ଡା

ଯେଉଁ ଅତୀତ ଏବେ ବି ବିଳମ୍ବିତ
ଯେଉଁ ବାଙ୍ମୟ ପ୍ରାସାଦର ପୂଜା ଦେବୀ
ଏବେ ବି ନିର୍ଜନ
ସେ ବିଶ୍ରୁତ ବର୍ଣ୍ଣବିଭାରେ ତୁମେ ଖୋଜୁଛ
ତୁମର ଅନାଗତ ପୃଥିବୀ କୁ ।
ସେ ପୃଥିବୀର ଆବିର୍ଭାବ ଲଗ୍ନକୁ
ଆମରି ବି ଅପେକ୍ଷା
ଯେଉଁଠି ସବୁ ଗାୟତ୍ରୀ ,ସମସ୍ତ ଦେବସୂକ୍ତ
ନିର୍ଲିପ୍ତ ହୋଇଯିବ
କେବଳ ଏକକ ଓଁକାରରେ ।
ନିଃଶବ୍ଦ ହୋଇଯିବ
ଜଞ୍ଜାଳର ମହାପ୍ଲାବନ ।
ପ୍ରଶାନ୍ତିର ଗଙ୍ଗୋତ୍ରୀରେ ଧୋଇଯିବ
ଅହଂ ସତ୍ତ୍ୱ ସମ୍ପର୍କର ଜିଜ୍ଞାସା ।
ଅନନ୍ତ ମୁକ୍ତିନାଦରେ
ଦୋଳାୟିତ ହୋଇଯିବ
ସମସ୍ତ ପାପତାପର କାକତୃଷ୍ଣା । !

ସେ ଏମିତି ପୃଥିବୀ ହେବ
ଯିଏ ଥିବ ଆକାଶ ଠୁଁ ଉଦାର
ଅନନ୍ତ ଠୁଁ ଆବଦ୍ଧ
ପ୍ରଜ୍ଞା ରୁ ପ୍ରଲମ୍ବିତ !
ଏବଂ
ଗାଉଥିବ
" ତମସୋ ମା ଜ୍ୟୋତିର୍ଗମୟଃ" ।

ସେ ସର୍ବବ୍ୟାପ୍ତ ଜ୍ୟୋତିରେ
ଭରିଯିବ କ୍ରମ କାବ୍ୟର ଆକାଶ
ବିନମ୍ର ବର୍ଣ୍ଣାଳୀର ଅନୁପ୍ରାସ
ସତ୍, ଚିତ୍ ଓ ଆନନ୍ଦ ର ତରଙ୍ଗ !!
ସେ ପୃଥିବୀ
ଏଇ ଦିଶୁଛି ତ ଏଇ ତରଳି ଯାଉଛି
ଅଯୁତ ମେଘମାଳାର ଲୁଚକାଳି ରେ ।
ଏବେ ଖୋଜୁଛି
ଆଗତର ଅମୃତ ଲଗ୍ନକୁ
ଯେଉଁଠି
ସୂର୍ଯ୍ୟ ଉଏଁ ସୂର୍ଯ୍ୟଟିଏ ପରି !
ଅନନ୍ତ ମୁକ୍ତିର ସ୍ୱର ଶୁଭୁଥାଏ
ଯୁଗ ଯୁଗ ଧରି !!

କବିତା ପ୍ରକାଶ କାଳ : ମସିହା - ୧୯୮୩

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ମୁଁ ନବବର୍ଷ

ଶ୍ରୀ ସୁଭାଷ ଚନ୍ଦ୍ର ପଣ୍ଡା

ନୂତନ ବର୍ଷର ଅଭିନନ୍ଦନ

(୧)

ପ୍ରତିବର୍ଷ ପୋତି ହୋଇଯାଏ
ଶୁଭେଚ୍ଛାରେ , ଅଭିନନ୍ଦନରେ ,
ଅଣ ନିଶ୍ୱାସୀ ହୋଇଯାଏ
ଫୁଲ ତୋଡା , ଗୋଲାପ ବାସ୍ନାରେ ।

ଉତ୍ ଫୁଲ୍ଲିତ ଲାଗେ ଭାରି
ଧୂପ ଧୂଆଁ ଅଗରୁ ଚନ୍ଦନେ ,
ମନ୍ଦିରର ଓଁକାରରେ ,ମସ୍ ଜିଦରେ ,ଗୀର୍ଜା ,
ଗୁରୁଦ୍ୱାରେ ସଦ୍ୟ ତୋଳା ସଜଫୁଟା ଯୂଇ ଜାଇ
ମଲ୍ଲୀ ଆଉ ମାଳତୀର ନିବିଡ଼ ବନ୍ଧନେ ।

ଲାଜଲାଗେ କ୍ଲବ୍ ଘରେ , ପାର୍ଟି ପିକ୍ ନିକ୍ ରେ ,
ଅର୍ଦ୍ଧ ନଗ୍ନ ପୋଷାକରେ ,
ଚିକ୍ ମିକ୍ ଚମଡାର ରୋଷଣୀ ଭିତରେ ,
ସଂସ୍କୃତି ଯେଉଁଠି କାନ୍ଦେ ସଂସ୍କାରର ଜଳନ୍ତା ଜୁଇରେ ।

ଧୂପ ହୋଇ ଧୂଆଁ ହୋଇ
ମୁଁ ଯାଏ ବୋହି ବୋହି ମୋ ଶବକୁ ଏକାନ୍ତରେ
ଅନ୍ଧ ଏଇ ସଭ୍ୟତାର ଅନ୍ଧାର ଗଳିରେ ,
ଶ୍ମଶାନ ରାସ୍ତାରେ ଗତ ବର୍ଷ ଏଇ ଦିନ ନୂଆ ବର୍ଷ ଥିଲି
କେତେ ଶୀଘ୍ର ସତେ ମରି ଗଲି
ମାତ୍ର ଏଇ ହାତ ଗଣା ତିନିଶହ ପଅଁଶଠୀ ଦିନ
ଗଣନାରେ ।

ମୁଁ ଦେଖୁଛି ସୁବିଶାଳ କୁରୁବଂଶ
କିପରି ନିବଂଶ ହୁଏ ଅଠର ଦିନରେ ,
ହସ୍ତିନା ପୁରର ସନ୍ଦେହ ଓ ସଂସୟରେ ଆନ୍ଦୋଳିତ
ଏଇ ଶରୀରର ମନ ସିଂହାସନେ,
ଅନ୍ଧ ଆଉ ବିକୃତ ବାସନାର ଧୃତରାଷ୍ଟ୍ର
ବ୍ୟସ୍ତ ଏଠି ଅଧିକାର ବିହୀନ ଶାସନେ ।

ଦୁରାଗ୍ରହ ଦୁର୍ଯ୍ୟୋଧନ , ପ୍ରତି ପଦକ୍ଷପେ ତାକୁ
ପ୍ରଭାବିତ କରେ ,
ଦୁରାଚାରୀ ଦୁଃଶାସନ ଅପମାନ କରେ ନିତି
ଆସ୍ଥା ପାଞ୍ଚାଳୀରେ ।

କଠୋରତାର ସୀମା ଲଙ୍ଘନ କରେ ଏଠି
କୁଣ୍ଠା ଆବେଶ କର୍ଣ୍ଣ,
ଏକୁଟିଆ ହୋଇ ଚାଲୁଅଛି ଆହା
ସହଯାତ୍ରୀ ହୀନ ବିଦ୍ରୋହୀ ବିକର୍ଣ୍ଣ ।

(୨)

ପଞ୍ଚଶୀଳର ପାଣ୍ଡବ ଏଠୁ
କେବେଠୁଁ ନିଷ୍କାସିତ,
ସମତା ପ୍ରତୀକ ଗାନ୍ଧାରୀ ନେଇଛି
ଦୃଷ୍ଟି ହୀନତାର ବ୍ରତ ।

କରୁଣାମୟୀ କୁନ୍ତୀର ଏଇ ପଣତ କାନିରେ
ପ୍ରତି ଛବି ଲାଞ୍ଛନାର ,
ନିଜକୁ ନେଉଛି ନିଷ୍କାସିତ କରି
ନିତି ବିବେକ ବିଦୁର ।
ଦୁରାଗ୍ରହର ଅନ୍ନ ଗ୍ରହଣେ ବ୍ୟସ୍ତ ଏଇଠି
ଦ୍ରୋଣ ,କୃପାଚର୍ଯ୍ୟ ଆଉ ପ୍ରଶମତା ପିତାମହ,
ମୁଁ ଦେଖୁଛି ଏଠି
ମାନବ ମନର ମହାଭୟଙ୍କର
ମହାଭାରତର କ୍ଷୟ ,
ନବବର୍ଷ ମୁଁ ଅଠର ଦିନର
ଜୀବନ ଗଣୁଛି ହାୟ ।

ଗହଗା ନରସିଂହ ପୁର , କେନ୍ଦ୍ରାପଡା , ଓଡିଶା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ

ପ୍ରତିଶ୍ରୁତି ଦିଅ ନୂଆ ବରଷ

ସୁଦ୍ରମା ପଣ୍ଡା

ନୂଆ ବୋଲି ଯାକୁ କହୁଅଛ ବନ୍ଧୁ
କାଲି ସେ ହେବ ପୁରୁଣା,
ତଥାପି ନୂଆ କୁ ସ୍ୱାଗତିବା ପାଇଁ
ଉତ୍ସାହ ର ନାହିଁ ଉଣା ।।

କଳି ଟିଏ ଯେବେ ଫୁଲ ହେଉଥାଏ
ଆଦର ର ସୀମା ନାହିଁ,
ଫୁଟି ସାରି ଯେବେ ମଉଳି ପଡଇ
ତାକୁ ଅନାନ୍ତି ନି କେହି ।।

ନୂଆ ବୋହୂଟିକୁ ଉତ୍ସାହେ କରନ୍ତି
ସ୍ନେହ ଆଦରେ ସ୍ୱାଗତ ,
ଧୀରେ ଧୀରେ ଯେବେ ପୁରୁଣା ହୁଅଇ
ଅଣଦେଖା ହୁଏ ସେ ତ ।।

ସେହିପରି ତୁମେ ନୂଆ ବରଷ ହେ
ଶୁଭେ ଶୁଭେ ମାଡ଼ ଧରା ,
ତୁମପାଇଁ ଆମେ କେତେ ଯେ ଉତ୍ସାହି
ହୃଦେ ସ୍ନେହ ପ୍ରେମ ଭରା ।।

କେତେ ଆଶା କେତେ ଆକାଂକ୍ଷା ରହିଛି
ଏ ବରଷେ ହେବ ପୂର୍ଣ୍ଣ,
ପ୍ରତିଶ୍ରୁତି ଦିଅ ତୁମ ସଙ୍ଗତି ରେ
ଭରସା ନ ହେଉ କ୍ଷୁର୍ଣ୍ଣ ।।

ବିଗତ ବର୍ଷ ର ସୁଖଦ ମୁହୂର୍ତ୍ତ
ସ୍ମୃତି ହୋଇ ମନେ ରହୁ,
ଘଟିଯାଇଥିବା ଅଘଟଣ ଆଉ
ପୁନରାବୃତ୍ତି ନ ହେଉ ।।

ନୂତନ ଉତ୍ସାହ ନୂଆ ଉଦ୍ଦିପନା
ଜାଗୁ ସବୁରି ପରାଣେ,
ଶସ୍ୟ ସମ୍ପଦରେ ପୁରି ଉଠୁ ଧରା
ଭୋକିଲା ନ ରହୁ ଜଣେ ।।

ପ୍ରତି ପଦକ୍ଷେପ ତ୍ରୁଟି ହୀନ ହେଉ
ରଚି ଯାଅ ଇତିହାସ ,
ଯୋଡ଼ି ହୋଇ ଯାଉ ସମ୍ପର୍କର ଫାଟ
ପାଇ ତୁମରି ପରଶ ।।

ବିଗତ ବର୍ଷ କୁ ଶୁଭେ ବିଦା ଦେବା
ନ ବହି ମନରେ ରୋଷ,
ଭାତୃ ପ୍ରେମେ ବାନ୍ଧି ହୋଇ ପରସ୍ପର
ବିତରିବା ଆନେ ହସ ।।

ନୂତନ ବର୍ଷ ର ନବୀନ ସୂର୍ଯ୍ୟ
ସବୁ ଦୁଃଖ ଧୋଇ ଦେଉ,
ନବ ବରଷ ର ପ୍ରତିଟି ମୁହୂର୍ତ୍ତ
ସୁଖ ସ୍ମୃତି ହୋଇ ରହୁ ।।

ଭଟଲି, ବରଗଡ଼

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ଶୁଭଙ୍କର ହେଉ ନୂଆ ବରଷ

ତ୍ରିଲୋଚନ ପଣ୍ଡା

ଘୂର୍ଣ୍ଣନ ଭିତରେ ଜନମ ମରଣ
ଜୀବ ଥିବା ଯାଏ ଜୀବନ ଗୀତି
ଯୁଗ ଜନ୍ମ କାଳୁ ଯୁଗ ଶେଷ ଯାଏ
ସମୟ ଗଣନା ସଂସାର ରୀତି ॥୧॥

ଲିତା ଦଣ୍ଡ ଦିନ ମାସ ଓ ବରଷ
ମଣିଷ ଚାଲିଛି ଗଣନା କରି
କାଳ ବୁଝେନାହିଁ ସୌର ଚନ୍ଦ୍ର ମାସ
ଜ୍ୟୋତିଷ ଗଣନା ହୁଏ କିପରି ॥୨॥

ନଦୀ ନାଳ ଝର ବୁଝନ୍ତିନି କାଳ
ଚନ୍ଦ୍ର ସୂରୁଯଙ୍କ ଉଦୟ ଅସ୍ତ
ବସ୍ତି ବା ବନସ୍ତ କଙ୍କରିତ ପଥ
ବହିଯିବା କାମେ ସର୍ବଦା ବ୍ୟସ୍ତ ॥୩॥

ବରଷା ବୁଝେନି ବରଷର ଭେଦ
ଗଣେନି ଗ୍ରହର ଚଳନ କାଳ
ଶୀତଳ ପରଶ ପାଇଲେ ଅବସ
ପ୍ରାଣରୁ ଝରାଏ ସଂଚିତ ଜଳ ॥୪॥

ଖେତ ବୁଝନ୍ତିନି ଏକ ଦୁଇ ତିନି
ପୂର୍ଣ୍ଣମୀ ଅଥା ବା ସଂକ୍ରାନ୍ତି ନେଇ
ବରଷ ଗଣନା କେମିତି ହେଉଛି
ପେଟ ପାଇଁ ଦାନା ଚାଲନ୍ତି ଦେଇ ॥୫॥

ପ୍ରେମ ଜାଣେନାହିଁ ଗଣିତରେ ଗଣି
ହୃଦୟ ଦୁଇକୁ ଯୋଡିବା କାଳ
ବୁଝେନି ଗରଭ ଗର୍ଭାଧାନ କାଳ
ଭବିଷ୍ୟ ସନ୍ତାନ ଆସିବା ବେଳ ॥୬॥

ସାଧନା ଯାହାର ଜୀବନର ବ୍ରତ
ନଜର ରଖେନି ସମୟ ସ୍ରୋତ
ଦିନ ବାର ଗଣି ଆଶିଷ ମିଳେନି
ଫଳ ସେଇ ପାଏ ଯେ ଧ୍ୟାନରତ ॥୭॥

ପୂର୍ବରୁ ଯାଇନି ବରଷ ଏମିତି
ସାଥିରେ ନ ଆଣି ବରଷା ଝଡି
କଳହ ବିବାଦ ଶାନ୍ତି ସମାଧାନ
ବର୍ଷ ବର୍ଷ ଧରି ଚାଲିଛି ଗଡି ॥୮॥

ଆସିବା ଯାହାର ଆଗରୁ ନିଶ୍ଚିତ
ସ୍ୱାଗତ କରିବା ହରଷ ମନେ
ଶୁଭଙ୍କର ହେଉ ନୂଆ ବରଷଟି
ପ୍ରାର୍ଥନା କରିବା ମିଳିତ ପ୍ରାଣେ ॥୯॥

ଯୋଗାଯୋଗ - ୯୪୩୯୧୯୭୫୬୦

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନୂଆ ବରଷ ହେ ଆସ

ଡକ୍ଟର ସଚ୍ଚିଦାନନ୍ଦ କର



ଆସିବ ଆସିବ ତୁମ କଥା ସତେ
ମନରେ ନ ଥିଲା କେବେ
ଶୀତ ମିତଠାରୁ ତୁମରି ଆସିବା
ଖବର ପାଇଲୁ ଏବେ
ତୁମେ ତ ଆସୁଛ ବୋଲି
ଫୁଲତୋଡା ହାତେ ଚାହିଁଛୁ ତୁମକୁ
ଦୁଆର ରଖିଛୁ ଖୋଲି ।।

ନୂଆ ବରଷ ହେ ଆସିଲେ ଦେଖିବ
କେତେ ଯେ ଲାଗିଛୁ ଆମେ
ବଣଭୋଜି ହୁଏ ଲାଗିଛି ବି କିଏ
ଘର ସଜାସଜି କାମେ
ଲାଗୁଛି ପରବ ପରି
କେହି ଜଣେ ଆମ ଆସୁଛି ନିଜର
ସୁଖର ପସରା ଧରି ।।

ଅସୁମାରୀ ଆଶା ଅନେକ ସପନ
ସାଇତିଛୁ ମନ ତଳେ
ଆମରି ମେଳକୁ ଆସିଗଲେ ତୁମେ
ଜାଣିଯିବ ବଳେ ବଳେ
ଥିବ ସାଥିଟିଏ ପରି
ଆମ ଜପ ତପ ଆମରି ସାଧନା
ଦେବଟି ସଫଳ କରି ।।

ଅଛି ଯେତେ କୋହ ଭୋକ ଶୋଷ ଲୁହ
ଆମଠାରୁ ପୋଛି ନେବ
ବେଶୀ ବେଶୀ କରି ସୁଖ ଫୁଲ ଆମ
ଝୁଲିରେ ଅଜାଡି ଦେବ
କରିବନି ନାଇଁ ନାଇଁ
ସବୁ ରାତି ଶେଷେ ସୁନେଲି ସକାଳ
ଆସୁଥିବ ଆମ ପାଇଁ ।।

ବାର ମାସ ପାଇଁ ଆସୁଛ ହେ ତୁମେ
ରହିବ ଆମରି ମେଳେ
ସେଲାଗି ସବୁରି ମନରେ ଆମରି
ଖୁସିର ଲହରୀ ଖେଳେ
ନୂଆ ବରଷ ହେ ଆସ
ତୁମ ଆଗମନେ ଫୁଟିଯାଉ ଫୁଲ
ଚହଟାଇ ଦେଇ ବାସ ।।

" ନିର୍ମାଲ୍ୟ "
ନୂଆପଡା, ନୟାବଜାର, କଟକ - ୦୪

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ

ନୂଆ ବରଷ

କମଳିନୀ ଦେବୀ

ନୂଆ ବରଷର ଶୀତୁଆ ସକାଳ
ଢାଳିଦିଏ ନୂଆ ପରଶ
ହେପ୍ପି ନ୍ୟୁୟରର୍ସ ଗ୍ରୀଟିଙ୍ଗ୍ କାର୍ଡରେ
ମୁହଁ ତାର ହସ ହସ
କହେ ଆସିଛି ମୁଁ ନୂଆ ବରଷ ।।

କୁହୁଡି ଘେରାର କାକର ବିନ୍ଦୁରେ
ମିହିର ଲାଗନ୍ତି ନୂଆ
ନବ ସନ୍ଦେଶର ବାର୍ତ୍ତା ବହି ଯେ
କାଉ ରାବଦିଏ କା'ଆ
କହେ ଶୁଭ-ବାର୍ତ୍ତା ଶୁଣି ଯାଆ ।।

ସମୀର ପରଶେ ନବ ଉନ୍ମାଦରେ
ଲତାକୁଞ୍ଜେ ଫୁଲ ବାସେ
ନବ ବରଷ ଆସିଛି ଆଜିରେ
ମୁରୁକି ମୁରୁକି ହସେ
ଲତା ଶୋଭା ରାଜି ପରକାଶେ ।।

ଗାଈ ରଡିଦିଏ ହମ୍ବା ହମ୍ବା କହି
ବାଛୁରୀ ତା ଡିଆଁ ମାରେ
ଛନଛନିଆ ତା କଅଁଳ କୋମଳ
ଚାହାଣୀ ରେ ଭରିଦିଏ
ବାତ୍ସଲ୍ୟ ପ୍ରେମରେ ସେ ଭିଜିଥାଏ ।।

ଦେଉଳର ଘଣ୍ଟି ଠନ୍ ଠନ୍ ବାଜି
ଚୁଆ, ଚନ୍ଦନରେ ମହକାଏ
ଦୀପର ସଳିତା ପ୍ରଜ୍ୱଳିତ ହୋଇ
ବିଭୁ ପଦେ ସମର୍ପିତ ହୁଏ
ସର୍ବେ ଶୁଭାଶିଷ ଢାଳିଦିଏ ।।

ଘଣ୍ଟ, ଶଙ୍ଖ, ଧ୍ୱନି କରି ପ୍ରତିଧ୍ୱନି
ଧୂପ, ଗୁଗ୍‌ଗୁଳ ର ବାସ୍ନା ଛୁଟେ
ଓଁକାର ଶବଦେ ହୃଦୟ ଓ ମନ
ପୁଲକିତ ହୋଇ ଉଠେ
ଛନ୍ଦ ତୋଳି ଭୂମିରୁ ଭୂମାକୁ ଉଠେ ।।

ଇଉନିଟ୍ -୬,ଭୁବନେଶ୍ୱର

ଉତ୍ତରାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଆହେ "ଚକାଡୋଳା"

ଅମ୍ବିକା ସ୍ୱାଇଁ

ନୂତନ ବର୍ଷର ପ୍ରାର୍ଥନା

ଆହେ "ଚକାଡୋଳା" ,ହୃଦୟ ଠାକୁର
ଶୁଣ ଡାକ ମୋର ବାରେ
ନୂତନ ବରଷ ନୂଆ ଖୁସୀ ଆଣୁ
ପ୍ରଣତି ମୋ ତୁମ ଠାରେ ।୧।

ସଜଳ ନୟନେ ଦେଖୁ ଅଛ ରହି
ଦୁନିଆର ରୀତି ନୀତି
କେତେବେଳେ କା'କୁ କେଉଁ ବାଟେ ନେଇ
ହଜାଉଛ ତା'ର ସ୍ଥିତି ।୨।

ସତ ରେ, କାଳିଆ ତୁମ ଲୀଳା ଖେଳା
କେ' କହି ପାରିବ କୁହ
ଛାର ଏ ମଣିଷ ବୁଝି ପାରୁ ନାହିଁ
ଆଖିରୁ ଝାରୁଛି ଲୁହ ।୩।

ସବୁ ତୁମ ମାୟା ସବୁ ତୁମ କାୟା
ତୁମେ ଜାଣ ଭଲ ମନ୍ଦ
ସତ୍ୟ ଓ ମିଥ୍ୟାର ନିକିତିରେ ଛନ୍ଦ
କେ ଜାଣିବ ତା'ର ଛନ୍ଦ ! ।୪।

ନ୍ୟାୟ ରେ ଥାଇ ବି ପରୀକ୍ଷା କର
ନିର୍ଦ୍ଦୋଷ କୁ କର ଦୋଷୀ
ଦୋଷୀ ଖସି ଯାଏ ଚତୁର ପଣରେ
ମନେ ମନେ ହୁଏ ଖୁସୀ ।୫।

କାହିଁକି କର ଯେ କପଟ କାଳିଆ
ବୁଝି ହୁଏ ନାହିଁ ସତେ
ଯେତେ କପଟ କଲେ କରୁ ଥାଅ
ଛାଡ଼ି ଯା ଅ ନାହିଁ ମୋତେ ।୬।

ରଖିଛି ଯତନେ ହୃଦୟେ ସାଇତି
ମୋହରି ବିଶ୍ୱାସ ବଳେ
ତୁମେ ସଦା ଅଛ ମୋର ସାଥିରେ
ସ୍ୱପ୍ନ ଦେଖେ ଆଖି ଡୋଳେ ।୭।

ଭକ୍ତି ନୈବେଦ୍ୟ କୁ ପରଷି ଦେବି
ତୁମ ପଦ୍ମ ପାଦ କରେ
ପାଦ ଧୋଇ ଦେବି ଅତି ଶରଧାରେ
ମୋ ଆଖିର ଲୁହ ଧାରେ ।୮।

ନୂତନ ବରଷ ଆଣୁ ନୂଆ ବାର୍ତ୍ତା
ରହି ତୁମ କୃପା କୋଳେ
ସମସ୍ତେ ରୁହନ୍ତୁ ଆନନ୍ଦ ଖୁସିରେ
ଭିଜନ୍ତୁ ଅମୃତ ଜଳେ ।୯।

ନୂତନ ବର୍ଷ ରେ ନୂଆ ଜାଗରଣ
ସମାଜ ରେ ସୃଷ୍ଟି ହେଉ
ସଂସାର ଅନୀତି,ଦୁଃଖ ଦୂର ହେଉ
ସୁଖ ଶାନ୍ତି ଭରି ଯାଉ ।୧୦।

ଭୁବନେଶ୍ୱର, ଓଡ଼ିଶା
visit : www.hirranmayi.com

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନୂତନ ବର୍ଷର ପରିକଳ୍ପନା

ନ- ନବ ବରଷ ଆଣେ ହରଷ
ସବୁରି ପ୍ରାଣେ ବୁଣେ,
ଆବାଳ ବୃଦ୍ଧ ବନିତା ଯେତେ
ସଭିଙ୍କ ମନ ଜିଣେ ।

ବ- ବରଷ ପରେ ବରଷ ଆସେ
ଖୁସି ପସରା ମେଳି,
ଗତ ବରଷ ପୁରୁଣା କଥା
ଯିବାରେ ଆମେ ଭୁଲି ।

ବ- ବଉଳ ମିତ ଗାଇବା ଗୀତ
ହାତେ ମିଳାଇ ହାତ,
ବିଭୁ ଚରଣେ ଶରଣ ନେବା
ଧାୟୀ ଜଗତ ନାଥ ।

ର- ରଜନୀ ପାହି ଗଲା ସଜନୀ
ଚାଲ ଯିବା ମନ୍ଦିର,
ଦିଅଁ ଦର୍ଶନେ ଶୁଭ ଆରମ୍ଭ
ମଙ୍ଗଳ ହେବ ତୋର ।

ଷ- ଷଢ ଆନନ ଘେନ ନମନ
ଆଶିଷ ଦିଅ ଢାଳି,
ନବ ବରଷ ସ୍ୱାଗତ କରେ
ଚରଣେ ଦୀପ ଜାଳି ।

ଆଶୁକବି ହେମନ୍ତ କୁମାର ଦାଶ
॥ ତୁଷୁରା, ବଲାଙ୍ଗିର ॥
ମୋ-୯୯୩୭୬୮୮୫୫୧

ଉତ୍ସବାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନିଆରା ନବବର୍ଷ

ପ୍ରଶାନ୍ତ କୁମାର ନାଥ

ନୂତନ ବର୍ଷଟି ପାଳିଦେବା ଆମେ
ଏମିତି ନିଆରା ଢଙ୍ଗରେ
ଧରଣୀ ମାଆକୁ ସଜେଇବା ମିଶି
ସମସ୍ତେ ସବୁଜ ରଙ୍ଗରେ ।

ସାଙ୍ଗ ସାଥି ହୋଇ ଯାଉଛନ୍ତି ଆମେ
ମିଶି ସବୁ ବଣଭୋଜି କି
ଘରୁ ବାହାରିଲେ ବାହାରିବା ଆମେ
ଚାରା ଗଛଟିଏ ପୋତି କି ।

ପାଣି ସାର ଦେଇ ଯତ୍ନ ନେଲେ ତାର
ଗଛଟି ଭଲରେ ବଢ଼ିବ
ବାସ ଚହଟିବ ଫୁଲରୁ ତାହାର
ସୁଆଦିଆ ଫଳ ଫଳିବ ।

ଫୁଲ ଫଳ ବିନା ଉପକାରୀ ଗଛ
ରହିଛି ଆହୁରି ଅନେକ
ଲଗେଇବା ତାକୁ ଆମ ବାଡ଼ି ଘରେ
ଗଛ ତ ଆମରି ମୁଲକ ।

ଲଗେଇବା ଯଦି ଗଛ କିଛି ଆମେ
ସଡ଼କ ର ଦୁଇ ପାର୍ଶ୍ୱରେ
ଆମକୁ ସହାୟ ହେଉଥିବ ତାହା
ଖରା ହେଉ ଅବା ବର୍ଷାରେ ।

ଗଛ ପରି ଆଉ ଉପକାରୀ ବନ୍ଧୁ
ଦୁନିଆଁରେ କାହୁଁ ମିଳିବ
କେତେ ବଖାଣିଲେ ଉପକାର ତା'ର
ଆହୁରି ସେତିକି ବଳିବ ।

ବରଷ ଆରମ୍ଭ କରିଦେବା ଚାଲ
ଗଛଟିଏ ଆମେ ଲଗେଇ
ଜୀବନ ଆମର କଟେଇଦେବ ସେ
ସୁଖରେ ଶାନ୍ତିରେ ହସେଇ ।

ଗ୍ରୀଟିଙ୍ଗସ ଛାଡି ଚାରାଟିଏ ଦେବା
ବନ୍ଧୁକୁ ଶୁଭେଚ୍ଛା ଜଣେଇ
ନିଆରା ହୋଇବ ଏହି ନବ ବର୍ଷ
ନିଆରା ହେବ ସେ ବଧେଇ ।

******

ସୁନ୍ଦରପୁର,ଉତ୍ତରକୂଳ ହାଟ,
ପ୍ରୀତିପୁର,ଯାଜପୁର ।
ମୋ-୦୮୮୯୨୩୦୧୧୪୩

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ନୂଆ ବରଷ ର ନୂଆ ସନ୍ଦେଶ

ଶ୍ରୀ ଉତ୍କୁରୁଧର ବାଗ

ନୂତନ ବର୍ଷର ଅଭିନନ୍ଦନ

ଶୀତଳ ସମୀର ପୁଳାଏ ଆସିଣ
ବିଞ୍ଚି ଦେଇଗଲା କୋମଳ ସ୍ପର୍ଶ ।
ଏକି ହେଲା ବୋଲି ଚମକି ପଡିଲି
ସମ୍ମୁଖେ ଆସିଲା ନୂତନ ବର୍ଷ ।।

ପଚାରିଲି ତାକୁ ସୁମଧୁର କଣ୍ଠେ
ଆସିଛ କି ନେଇ ନୂତନ ବାର୍ତ୍ତା ।
କହିଲା କାନରେ ଫୁସ୍ ଫୁସ୍ ହୋଇ
ନୂତନ ବାର୍ତ୍ତାର ତୁମେ ହିଁ କର୍ତ୍ତା ।।

ଏ କି କଥା ବୋଲି ବୁଝି ନ ପାରିଲି
ଶୀଘ୍ର ଟିକେ ମୋତେ ଦିଅ ବୁଝାଇ ।
ନୂଆ ବର୍ଷ କହେ ହରଷ ମନରେ
ବୁଝିଯାଅ ତେବେ ମନ ଲଗାଇ ।।

ଯେତେ ଦିନ କ୍ରୋଧ ଲୋଭ ମୋହ ମାୟା
ରହିଥିବ ତୁମ ହୃଦୟେ ବହି ।
ସାଥିରେ ଗରବ ଅହଙ୍କାର ଥିଲେ
ନୂତନ ବାର୍ତ୍ତା କି ପାଇବ ଭାଇ ?

ଯେବେ ଚାଲିଯିବେ ଏ ତୁମ ପାଖୁ
ଦେଖିବ ଆସିବ ନୂଆ ବରଷ ।
ଆପେ ଆପେ ନୂଆ ବାରତା ନେଇ
ଆସିବ ନିଶ୍ଚିତ ହୋଇ ହରଷ ।।

ବୁଝିଗଲି ଏବେ ନୂଆ ବର୍ଷ କଥା
ସମାନ କାଳକୁ ସମାନ ସମୟ ।
ବଦଳି ନଥାଏ କେବେ ବି ତାହା
ରହିଥାଏ ସଦା ସେହି ପରାୟ ।।

ପୃଷ୍ଠା ପରେ ପୃଷ୍ଠା ଶେଷ ହେଲା ପରେ
ଆସିଥାଏ ଯେବେ ନୂତନ ପୃଷ୍ଠା ।
ଭାବି ଥାଉ ଆମେ ନୂତନ ବର୍ଷ ଟି
ଗଢି ଦେଇଗଲେ ଆନ୍ତର ସ୍ରଷ୍ଟା ।।

ଯାହା ବି ଅବଶ୍ୟ ବଦଳି ଯାଉ
ହୁଏତ ନିଶ୍ଚୟ ନୂଆ ବରଷ ।
ଅପେକ୍ଷାରେ ଥାନ୍ତି ଏଇ ଦିନଟିକୁ
ପାଳିବାକୁ ସର୍ବେ ହୋଇ ହରଷ ।।

ଗତ ବରଷ ବି ଆସିଥିଲା ଦିନେ
ଆମ ପାଇଁ ସିଏ ହୋଇ କି ନୂଆ ।
ଆଜି ହୋଇଗଲା ପୁରୁଣା ବରଷ
ପୁଣି ନୂଆ ସାଜି ହୋଇଛି ଠିଆ ।।

ଆସ ଆମେ ସର୍ବେ ଶପଥ ନେବା
ନୂଆ ବର୍ଷେ କିଛି ନୂଆ କରିବା ।
ଅନ୍ୟାୟ ଅନୀତି ଦୁର୍ନୀତି ଯେତକ
ଭ୍ରଷ୍ଟାଚାର ସବୁ ଦୂରେଇ ଦେବା ।।

ନୂଆ ଆଶା ନେଇ ନୂଆ ସ୍ୱପ୍ନ ନେଇ
ଏଇ ବରଷରେ ନୂଆ ହୋଇବା ।
ଆନନ୍ଦ ଉଲ୍ଲାସ ଜୀବନ ଯାପନ
ସୁଖ ସନ୍ତୋଷରେ ଦିନ କାଟିବା ।।

****

।। ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି ।।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ନୂଆବର୍ଷ !!

ବିଶ୍ୱ ଭାରତୀ (ଗୋସ୍ୱାମୀ) ଦାଶ

କିଛି ଫରକ ଯାଏନି
କି ଆସେନି କାହାର ଏଠି
ଆଜି ବି ସୂର୍ଯ୍ୟୋଦୟ ହେଲା
କାଲି ବି ସୂର୍ଯ୍ୟୋଦୟ ହେବ ,
ଆଜି ବି ସୂର୍ଯ୍ୟାସ୍ତ ହେଲା
କାଲି ବି ସୂର୍ଯ୍ୟାସ୍ତ ହେବ ,
କିଛି ନୂଆ ନୂଆ ସବୁଦିନ ତ ହେଉଛି
ଏଇ ଯେମିତି ସକାଳ ସଞ୍ଜ ଓ ରାତି ।।

କିଛି ଫରକ ପଡେନି
କାହାକୁ କେବେବି ଏଠି
ଆଜି ବି ଯେଉଁ ଅନ୍ଧାର..
କାଲି ବି ସେଇ ଅନ୍ଧାର ..
ଆଶାର କିରଣ ନେଇ ..
ତେବେ ବି ବଞ୍ଚନ୍ତି -
ଏକ ଭିନକ୍ଷମର ମନ
- ଏକ ଧର୍ଷିତାର ଛାତି ।।

କିଛି ଫରକ କାହାକୁ
ତଥାପି ପଡେନି ଏଠି
ଆଜି ବି ଦୁଃଖରେ ଅଛି ,
କାଲି ବି ଦୁଃଖରେ ଥିବ ,
ବାକି ସମୟ ବି ତା'ର ଜୀବନଟା ଅଛି
ଏକ ଗରିବର ସାରା ପରିବାର
- ଏକ ମୃତକର ଜୀବନ ସାଥୀ ।।

ବାଙ୍ଗାଲୋର

କିଛି ବି ଫରକ ପଡେନି
ଲୀଳାମୟ ପ୍ରକୃତିକୁ ଏଠି
ଆଜି ବି ହସୁଛି ଆଜି ବି ରୁଷୁଛି ,
କାଲି ବି ହସିବ କାଲି ବି ରୁଷିବ ,
ବାଜି ମାରି ତଥାପି ବଦଳାଏ ନିଜର ସ୍ଥିତି
ଯେତେ ସବୁଜିମା ସବୁ ବଞ୍ଚିତ ଏଠି ।।

ହଁ , କେବଳ ଫରକ ରହିଛି ସେତିକି
ବଦଳାଇବାକୁ ଅଛି ବହୁତ କିଛି
ଏବେ ନୁହେଁ ତ କେବେ ନୁହେଁ ,
ଆଜି ନୁହେଁ ତ କାଲି ନୁହେଁ ,
କରିବାକୁ ହେବ ପ୍ରତି ମୁହୁର୍ତ୍ତର ମୂଲ୍ୟାୟନ
ସେଇ ମନସ୍କରେ ବଞ୍ଚିବାକୁ ଦିନ ରାତି ।।

ସମୟ ତ ବଦଳୁଛି କାଲି ଆଜି ..କାଲି
କେବଳ ନିଜକୁ ବଦଳାଇବାକୁ ହିଁ ହେବ ।
ଏଠି ତ ସବୁଦିନ ସମାନ ,
ଯଦି କିଛି ବଦଳୁଛି ନିଶ୍ଚୟ କେବଳ
ପ୍ରତିଟି ଦିନ ନୂଆ ତାରିଖଟି ଏଠି ।।

ନୂଆ ସକାଳ କୁ ନୂଆ ଦିବସ ..
ନୂଆ ତାରିଖ କୁ ନୂଆ ବରଷ
ବଦଳାଇ ଦେଉ ସବୁ ମଣିଷ
ସବୁରି ମନକୁ ଦେଉ ହରଷ
ଦୂର ହୋଇଯାଉ ସଭିଙ୍କ ହୃଦୟୁ
କାମ କ୍ରୋଧ ଭୟ ଲୋଭ ଗହିର୍ତ୍ତ
ରାଜୁତି କରୁ ଏବେ ସର୍ବତ୍ର
ମାନବିକତାର ପରିଚୟପତ୍ର ।।

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନାରୀକବି ଶ୍ରୀମତୀ ତାପ୍ତିମୟୀ ପଣ୍ଡା ମିଶ୍ରଙ୍କ ସୃଜନ ସୃଷ୍ଟିରେ "ନବ ବର୍ଷ " ଆଗମନର ଦୁଇଟି କବିତା :

ସ୍ୱାଗତ ଗୀତିକା ଗାଏ

ରହିଯା.. ରହିଯା ସମୟ ..ରହିଯା
ଆସୁଥିବ ପ୍ରିୟ ଆଜ
ଘୋଡା ସବାରୀରେ ମୁକୁଟ ବାନ୍ଧିଣ
ବୀର ବେଶେ ହୋଇ ସଜ ।।
ଶିହରୀ ଉଠୁଛି ପରାଣ ମୋହର
ମିଳନ ଆଶାରେ ତାର
କେତେ ସ୍ମୃତି ଆଉ ଅଭୁଲା କାହାଣୀ
ରଚିବୁ ଦୁହେଁ ଆଜର ।।
ପ୍ରଥମ ଦେଖାରେ ପ୍ରଥମ ଛୁଆଁ ରେ
ଉଲ୍ଲସିତ ତନୁ ମନ
ନବ ବରଷର ନବ ବର ବେଶ
ଖେଳେ ନବ-ଗୁଞ୍ଜରଣ ।।
ନିରୋଳା ରେ ବସି ତା' କଥା ଭାବୁଛି
କେମିତି ଥିବ ସେ ସତେ
ରାତିସାରା ଭାବେ ସପନର ଦେଶେ
ଦେବ ପ୍ରୀତି ଛୁଆଁ ମତେ ।।
ଆହ୍ଲାଦିତ ମନ ପୁଲକିତ ତନୁ
ସ୍ୱାଗତ ଗୀତିକା ଗାଏ
ଆଲିଙ୍ଗନ ଆଶେ ପଲକ ପଡୁନି
ଶୀତଳ ଆଶ୍ଳେଷେ ଖୋଏ ।।

।। ମେଲଛାମୁଣ୍ଡା, ବରଗଡ ।।

"ଏବେ ଆଲୋକ କୁ ନିଅ"

ମୋ ସାମ୍ନାରେ ତମାମ୍ ଜଞ୍ଜାଳର ଭିଡ
ବାରମ୍ବାର ଆଗ୍ନେୟ ଉଦ୍ଗୀରଣ ଅତି ନିଜର ଇଲାକାରେ
ଅଧିକନ୍ତୁ କିଟକିଟ୍ ଅନ୍ଧାର
ମତେ ଅଣନିଶ୍ୱାସୀ ଲାଗେ ।
ନୂଆଁ ସମ୍ଭାବନା ଆଜିର ଦିବ୍ୟପ୍ରଭା ପୂର୍ବାକାଶର...

ହେ ଭଗବାନ!
ମୋତେ ଶକ୍ତି ଦିଅ
ନିୟନ୍ତ୍ରଣ କର ମୋର ରାଗ,କାମ,କ୍ରୋଧ,ଲୋଭ
ଓ ଅବାଞ୍ଛିତ ମୋହକୁ ,
ଭରି ଦିଅ ମୋ ମନରେ ପରମ ଶାନ୍ତି,..
 ମୋତେ ଶାନ୍ତି ଦିଅ..... ।।
ଛଡାଇ ନିଅ ମୋ ଜୀବନର ଦୁଃଖ, ଯନ୍ତ୍ରଣା କୁ
ପାପ,ପୂଣ୍ୟର ତରାଜୁ ଧରି -
ଅପାର କଳା କୌଶଳରେ ଧୋଇ ଦିଅ ମୋର ପାପକୁ
ଯେମିତି ଜିଣି ଯିବି ମୁଁ ଜୀବନ ର ସାରା ପରୀକ୍ଷା ରେ
ମୋତେ ତୁମେ ସର୍ବଂସହା କରି
ଗଢି ତୋଳି ନିଅ ।।

କାହିଁକି ନା ସଂଘର୍ଷ କରିବା ପାଇଁ
 ଆହୁରି ବଳ ଓ ତେଜ ଦିଅ ...
ଧୈର୍ଯ୍ୟ ଦିଅ, ସାହସ ଦିଅ
ଆଗକୁ ବଢିବା ପାଇଁ ଶକ୍ତି ଦିଅ ।।
ବଞ୍ଚିବା ପାଇଁ ରାହା ଦିଅ
କର୍ତ୍ତବ୍ୟ କରି ମୁଁ ଥକି ନ ଯାଏ...
ଅନ୍ୟ ର ଲୁହ ପୋଛିବା ପାଇଁ
ଦରଦୀ ହୃଦୟ ଟେ ଦିଅ ।।
ଏପରି ମନ ଟେ ଦିଅ
ଯେପରି କାମନା,ବାସନା ରୁ
ଦୂରେଇ ରହେ,
ମତେ ଅନ୍ଧାର ରୁ ଆଲୋକ କୁ ନିଅ ।।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ

ତଥାପି ସପନ ସରିନି

ପ୍ରୀତିନନ୍ଦା ପାଣିଗ୍ରାହୀ

ସବୁ ବର୍ଷ ପରି ଏ ବର୍ଷ ବି
ସମସ୍ତେ ତୋ ଅପେକ୍ଷାରେ
ଫୁଲ ଠାରୁ ପତ୍ର ଯାଏ
ଗୀତ ଠାରୁ ଛନ୍ଦ ଯାଏ
ଆକାଶ ଠୁ ମାଟି ଯାଏ
କେବଳ ତୁ !

ତୁ ଆସିଲେ କୁଆଡେ
ସବୁ ମହକି ଯାଏ
କୁସୁମିତ ହୁଏ ଧରା
ପକ୍ଷୀ ଗୀତ ଗାଏ
ଝରଣା ବେହେଲା ବଜାଏ
ପବନ ତାଳ ଲୟ ଛନ୍ଦରେ
ନୃତ୍ୟରତ ବୃକ୍ଷ ସବୁ ।

ଚାରିଆଡେ ଆନନ୍ଦର ଋତୁ
ଭୋଜି ଭାତ ଗୀତ ନାଚ
ଭିନ୍ନ ଢଙ୍ଗରେ ଭିନ୍ନ ରଙ୍ଗରେ
ତୋର ଆଗମନୀ
ଆଜି ତୋର ସମୟ ପରା...।

ହେଲେ ସବୁ ଆଜି ବେରଙ୍ଗ
ବେ ମାନେ ଲାଗେ
ସେ ନିରୀହ ଆଖି ମାନଙ୍କ ପାଖରେ
ଏ ସାଜସଜ୍ଜା ଅର୍ଥ ହୀନ
ଏ ଭୋଜି ଭାତର ମାନେ କିଛି ନାଇଁ

ସମ୍ବଲପୁର

ସେ ପାଦ ତ ସେମିତି ଚାଲିଛି
କାଲି ବି ଆଜି ବି
ସେ ହାତ ତ ସେମିତି ବୋଝ ବହୁଛି
କାଲି ବହୁଥିଲା ଆଜି ବି
ସପ୍ନ ତାର କାଲି ବି ଜଳୁଥିଲା
ଇଟା ଭାଟିର ଡହ ଡହ ନିଆଁରେ
ଆଜି ବି ତ ଜଳୁଛି...।

କିଛି ପରିବର୍ତ୍ତନ ନାଇଁ
ହଁ,
ଆଜି ସମୟ ରଙ୍ଗୀନ ହୋଇଛି
ମାଲିକ ଆଖିରେ ଅଜବ ନିଆଁ
ଇଟା ଭାଟିରେ ଜଳୁଥିବା
ଶହ ଶହ ମନଠୁ ବି ବେଶି...।

ମାଳତୀ ମନରେ ଆଶା
ବସା ବାନ୍ଧେ ପୁଣି ଭାଙ୍ଗି ଯାଏ
ଏଥର ନୂଆ ବରଷରେ କରଜ ତୁଟେଇ
ନୂଆଁ ରାଇଜରେ ପାଦ ଦେବ
ନୂଆଁ ବରଷ ଆସେ ଯାଏ
ମାଳତୀର ମନ ସ୍ୱପ୍ନ ଚୁରମାର ହୁଏ
ଖିନ୍ ଭିନ୍ ହୁଏ ମନ ଓ ଶରୀର
ଓଃ! ନୂଆଁ ବରଷ ତ ଆଶେ
ନୂଆଁ ସମୟ ଆସେନା...।

ହୁ ହୁ ଜଳୁଥାଏ
କେବେ ଇଟା ଭାଟିର
ସେ ଡହ ଡହ ନିଆଁରେ ତ
କେବେ ଗାଁ ମହାଜନର
ସୁଧ ବାକ୍ସ ରେ...

ତଥାପି ସ୍ୱପ୍ନ ଦେଖିବା ସରିନି
କି ତାର ବିଶ୍ୱାସ ବି ମରିନି...

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ
ବିଶେଷାଙ୍କ

ନୂଆ ବର୍ଷ : କିଛି କଥା କିଛି ବ୍ୟଥା

ପ୍ରତିଭା ପରିଜା



ନୂଆ ବର୍ଷ ରେ କିଛି ବି
ବଦଳେ ନାହିଁ,
କିଛି ବି ବଦଳିବ ନାହିଁ,
ଯେତେ ଦିନ ଯାଏ
ବଦଳିନେ ଆମେ ନିଜେ ।।
କଣ ବଦଳିଲା ...ମସିହା କେବଳ
କ୍ୟାଲେଣ୍ଡର ତ ପ୍ରତିମାସ ରେ ବଦଳେ ।।
ସେଇ ଦିନ , ସେଇ ମନ
ସେଇ ଆକାଶ , ସେଇ ପୃଥିବୀ
ସେଇ ଫୁଲ ସେଇ ସୁରଭି
ସେଇ ପାଣି , ସେଇ ପବନ
ସେଇ କଥା , ସେଇ ବ୍ୟଥା
ସବୁ ତ ସମାନ ପୁରୁଣା ବର୍ଷ ପରି।।
ସେଇ ଆଖି ସେଇ ଲୁହ
ସେଇ ଦାରିଦ୍ର୍ୟ ସେଇ କୋହ
ସବୁକୁ ଚାପି ଧରି ବୁକୁ ତଳେ
କେହି କେହି ତାଳ ରେ ତାଳ ମିଳାନ୍ତି
ନୂଆ ବର୍ଷ କୁ ସ୍ୱାଗତ କରନ୍ତି ।।
ହେଲେ ସେଇ ଅନ୍ଧାର ସେଇ ଆର୍ତ୍ତନାଦ
ବାହାର କୁ ଶୁଭୁ ନ ଥିବା ଚିତ୍କାର
ଅନ୍ଧାର ରେ ଦିଶୁ ନ ଥିବା
କିଛି ହା ହା କାର
ତଳକୁ ମୁହଁ ପୋତି
ଛାତି ତଳେ ଲୁଚାଇ ରଖି
କିଛି କଳଙ୍କ ର କାଳି
କୁଆଁରୀ କଢି ଟି ର ନଷ୍ଟ ଭବିଷ୍ୟତ
କୁଆଁରୀ ମାଆ ଟି ର ଅନାଗତ
ଉଜୁଡା ଭବିଷ୍ୟତ
ସଜାଡି ଦେଇ ପାରିବ ନୂଆ ବର୍ଷ !!!

।। ସିଡିଏ , କଟକ,ଓଡିଶା ।।

ତମେ ଆସ ନୂଆ ବର୍ଷ
ଏକ ନୂଆ ଫର୍ଦ୍ଦ ନେଇ
ସ୍ପର୍ଶ କର ପ୍ରତ୍ୟେକ ସ୍ପର୍ଶ କାତର ପ୍ରାଣ କୁ
ଉତ୍ସାହ , ଉଦ୍ଦୀପନା
ନୂଆ କରି ବଞ୍ଚିବାର
ଛଳ ଛଳ ଆବେଗ ଭରିଦିଅ
ସେଇ ମାନଙ୍କ ମନ ରେ...
ବଞ୍ଚିବାର ରାହା ଦେଖାଅ
ଯେଉଁ ମାନେ ଅସମୟ ରେ
ମୃତ୍ୟୁ ଅପେକ୍ଷା ରେ
ଲଜ୍ଜା ରେ ଭୟ ରେ ମୁଣ୍ଡ ଟେକି
ଚାଲିବାରେ ଅସମର୍ଥ ।।
ନଷ୍ଟ ଭବିଷ୍ୟତ କୁ ଭରିଦିଅ ସବୁଜିମା ରେ
ମଥା ଟେକି ଚାଲି ବାରେ
ଆତ୍ମ ସମ୍ମାନ କୁ ଫେରି ପାଇବାରେ ।।
ସୃଷ୍ଟି ହେଉ ନୂତନ ଅଧ୍ୟାୟ
ସମାଜ ବଦଳୁ , ଦୁନିଆ ବଦଳୁ
ମାନସିକତା ବଦଳୁ
ବଦଳି ଯାଉ ଏ ଚିତ୍ରପଟ କାରୁଣ୍ୟ ର
ତାରୁଣ୍ୟ ର ,
ଇତିହାସ ରଚୁ , ଓଠରେ ହସ ଫୁଟୁ ।।
ନୂଆ ବର୍ଷ !!
ତୁମ ଆଶୀର୍ବାଦ ର ଏ ନୂଆ ଫର୍ଦ୍ଦ ରେ
ଆଙ୍କି ଦିଅ ନୂତନ ସୂର୍ଯ୍ୟ ର ଚିତ୍ର
ଲେଖିଦିଅ ନୂତନ କାହାଣୀ
ସୁଖ ସମୃଦ୍ଧି ସମ୍ମାନ ସାମ୍ୟ ବାଦ ର
ପ୍ରତିଶୃତି ଦେଇ ,
ପ୍ରତ୍ୟେକ କଢି ଫୁଲ ହୋଇ ଫୁଟୁ
ନୂତନ ଆଭା...
ନୂତନ ପ୍ରଭା...
ନୂତନ ବାର୍ତ୍ତା ନେଇ.... ।।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ

ନୂଆବର୍ଷ

ସୁପ୍ରଭା ସାମଲ

ତମେ ଆସିବ ବୋଲି ନୂଆବର୍ଷ
ପ୍ରତିଥର ଅପେକ୍ଷାର ଫୁଲରେ
ସଜାଇଥାଏ ହୃଦୟ ତୋରଣ...
ଆବେଗର ଅଗଣାରେ ଆଙ୍କିଥାଏ
ସ୍ୱାଗତର ଝୋଟି ଚିତା
ଆଖିରେ ଭରିଥାଏ ଅସୁମାରୀ
ସ୍ୱପ୍ନଙ୍କ ମେଲଣ
ନିବିଡ଼ ସ୍ପର୍ଶ ଟିକେ ପାଇବାର
ରୋମାଞ୍ଚରେ ଅନ୍ତରରେ ଅଜସ୍ର ବେପଥୁ ।

ଅପେକ୍ଷାର ଅନ୍ତ ଘଟାଇ ତମେ ବି
ପହଞ୍ଚି ଯାଅ ଠିକ ସମୟରେ....
ଏଇ ଥର ଯେ ନିଶ୍ଚୟ ଗୁଡ଼ାଏ ସମ୍ଭାବନାର
ପ୍ରତିଶ୍ରୁତିକୁ ସାଥିରେ ଧରି ଆସିଥିବ ବୋଲି
ଭାବିନେଇଥାଏ ମୁଁ ସବୁ ଥର ଭଳି
ପ୍ରତୀକ୍ଷା ରଖେ ନୂଆ ଗୋଟେ ସୂର୍ଯ୍ୟୋଦୟର... !

ଅଥଚ କିଛି ବି ବଦଳେନି
କାନ୍ଥରୁ କ୍ୟାଲେଣ୍ଡର ବ୍ୟତୀତ
ସବୁକିଛି ଯେମିତି ଥାଏ ସେମିତି....

ହେତୁ ପାଇବା ଦିନରୁ ପେଟ ଚାଖଣ୍ଡେ ପାଇଁ
ସଂଘର୍ଷ କରିଆସୁଥିବା ମୁଁ ଗୋଟେ
- ଦାଦନ ଶ୍ରମିକ....
ମୋ ସାମର୍ଥ ବାହାରେ ମଧୁମେହରେ
ଆକ୍ରାନ୍ତ ବାପାଙ୍କ ଉପଚାର
ପରଳ ମାଡି ସାରିଥିବା ବୋଉର ଚିକିତ୍ସା
ଢେର ଗଡିଯାଇଥିବା ବାହା ବୟସରେ ଭଉଣୀର
ଅଧା ଦେଖା ସ୍ୱପ୍ନ
ସାତ ସିଆଁ କନ୍ଥା ପିନ୍ଧୁଥିବା ସ୍ତ୍ରୀକୁ ଖଣ୍ଡେ ଶାଢ଼ୀ
କି ପୁଅକୁ ଖେଳନା ।

ମୁଣ୍ଡ ଉପରେ ସାରା ଜଞ୍ଜାଳର ବୋଝ
ଦାୟିତ୍ୱ ଓ କର୍ତ୍ତବ୍ୟର ପ୍ରତିବଦ୍ଧତାରେ
ସମୟ ପେଡିରେ ନିଜକୁ ଘୋରିବାକୁ
ପଡୁଥାଏ ବାରମ୍ବାର...
ଅଭିଶପ୍ତ ଭାଗ୍ୟ ନେଇ ଭାବୁଥାଏ
ସତେ କଣ ନୂଆବର୍ଷ ବଦଳାଇ ପାରିବ
ମୋ ଜୀବନର ମାନଚିତ୍ର ?

ଛାତି ତଳେ ଶୂନ୍ୟତାର କୋହ
ଯନ୍ତ୍ରଣାର ଯଉ ଘରେ ଅହରହ ଜଳୁଥିବା
ମୋ ଅସମାପ୍ତ ଇଚ୍ଛାର ଆକୁଳତା....

ସତ କହୁଛି ନୂଆବର୍ଷ... !
ତମେ କେବଳ ପାଲଟି ଯାଇଛ ମୋ ପାଇଁ
ଅଜସ୍ର ଶୂନ୍ୟପଣର ଅନୁଚ୍ଚାରିତ ଅଭିବ୍ୟକ୍ତି
ଆଉ ଅସରା ନୀରବତା.... !!

କୋଠପଦା, ମାହାଙ୍ଗା, କଟକ

ଉନ୍ମେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଅନ୍ତର ଉଚ୍ଛ୍ୱାସ

ରମେଶ ଚନ୍ଦ୍ର ପସାଏତ୍

ନୂତନ ବର୍ଷର ଅଭିନନ୍ଦନ

ଆଜିର ନବ ପ୍ରଭାତରେ
ମୁଁ ଦେଖେଁ, ତୁମ ଭିତରେ ଚନ୍ଦ୍ର - ତପନ- ତାରା
ମନ୍ଦିର, ମସ୍‌ଜିଦ୍ ,ଗୀର୍ଜା
ଉର୍ବର ଉତ୍କର୍ଷ ମାଟି
ନିରୀହ ମୃଗ ଓ ହିଂସ୍ର ଶାର୍ଦୂଳ
ନଦୀ ନାଳ ବନ୍ଧୁର ପଥ
ଟାଙ୍ଗରା, ନୁଖୁରା ଓ ସମତଳ ସସାଗରାଧରା...
ଆଉ ତା' ଭିତରେ ମୁଁ.... ।

କିନ୍ତୁ କାହିଁକି ଯେ
ଏଠି ଉଠୁଥିବା ଲୋକକୁ ପକାଇ ଦେବାର
ପଥିକକୁ ପଥଭ୍ରଷ୍ଟ କରିବାର
ବାଗ୍ମୀକୁ ମୁକ କରିବାର
ବୁଭୁକ୍ଷୁକୁ ଅମଣିଷ କରିବାର ପ୍ରବଳ ପ୍ରଚେଷ୍ଟା...।

ଋତୁହୀନା ଲୁହରେ ମମତାର ପରୀକ୍ଷା
ସ୍ୱାର୍ଥର ନିକିତିରେ ବିଶ୍ୱାସର ମୂଲ୍ୟାୟନ
ପ୍ରତାରଣାର କଷଟିରେ ପ୍ରେମର ପରଖ
ସବୁଜ ବନାନୀରେ ଅଗ୍ନିର ଅଭିସାର
ମୁଁ ବାରମ୍ବାର୍ ଦେଖେ-
ସ୍ୱାଭିମାନରେ ଅଭିମାନର ଦୂର୍ଗ
ଅଗଣାକୁ ସଜେଇବାକୁ ଯାଇ
ଘରକୁ ବାରମ୍ବାର ଭାଙ୍ଗିବାର ତତ୍ପରତା
ଆଉ ବି
ସ୍ନେହରେ ଛଳନାର ପ୍ରଚ୍ଛନ୍ନ କାରବାର.....।

କାହିଁକି ଏସବୁର ପରିଣାମ ନିଜ ନିଜ ଭିତରେ
ପ୍ରତିଫଳନ ହୁଏନା ?
ତେବେ କ'ଣ ବିବର୍ତ୍ତନର ନାହିଁ ସମ୍ଭାବନା ?

ଏବେ ଆସ !
ନବପ୍ରଭାର ଦିବ୍ୟ ଆଶ୍ଳେଷରେ
ବୁଝି ପ୍ରତିଟି ହୃଦୟର ପ୍ରତିଧ୍ୱନି ଅନ୍ତର ଉଚ୍ଛ୍ୱାସ
ପଲ୍ଲବିତ କରିବା ଆପଣାର ବୋଧିଦ୍ରୁମ
ସମବେଦନାର ଆର୍ଦ୍ର ହୃଦୟରେ...।

ଆସ ହେ ସୌନ୍ଦର୍ଯ୍ୟ ପିପାସୁ ପ୍ରାଣ !
ମଜ୍ଜିଯିବା ପ୍ରେମରଞ୍ଜିତ ଫଗୁଣର ବାସ୍ନାରେ
ଅନନ୍ତ ଅନ୍ୱେଷାର ତୃଷ୍ଣା ବହି
ଲଙ୍ଘି ଯିବା ପ୍ରଚଣ୍ଡ ରୌଦ୍ରତାପ
ପାଇବାକୁ ଅଦେଖା ପାହାଚ ସେପାଖ-
ସୁସଂଯତ ମଧୁମୟ ଅମୃତଧାମକୁ...।

ନିଜ ଭିତରେ
ମୁଁ, ତୁମେ ଓ ସମସ୍ତଙ୍କୁ ଅଙ୍ଗୀକାର କରିବାକୁ ,
ବିଶ୍ୱ ସମୁଦାୟର ହିତେ
ବିମଳ ପ୍ରେମର ତୀବ୍ର ସମ୍ମୋହନେ
ଆନନ୍ଦଲହରୀ ଲଭି ସୀମାହୀନ ପଥେ ।

ନି. ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ,କଣ୍ଟେଇକେଲ।
ଝାରସୁଗୁଡା, ମୋ :୯୭୭୭୩୯୪୫୫୮

ବିଶେଷାଙ୍କ
ସଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ତୁମକୁ ଶୁଭ ନୂଆବର୍ଷ

ସାବିତ୍ରୀ ପୁରୋହିତ

ଏ ମୋର ପ୍ରିୟ
ଫୁଲ ପକ୍ଷୀ ଓ ପଥର ମାନେ !
ଡେଣା ଭଙ୍ଗା ପ୍ରଜାପତି
ହାଡ଼ଥରା ଶୀତ ରାତି
ଉହ୍ଲେଇ ନିଆଁର ମହନି ରେ
ଝାସ ଦେଉଥିବା ନିରୀହ ପତଙ୍ଗ ମାନେ
ଶୁଭ ନୂଆବର୍ଷ ।।

ଏ ମୋର ପ୍ରିୟ
ମିତ୍ର ମୁଖାଧାରୀ ଶତ୍ରୁ ମାନେ
ଅଧାଲେଖା କାହାଣୀର
ଦୋ' ମୁହାଁ ଜିଭର ନାୟକ
ଅମୃତ ଚହରେଇ ଗରଳ ଦିଅ
ବିଶ୍ୱାସ ଘାତକ !!
ଶୁଭ ନୂଆବର୍ଷ ।।

ଶୁଭ ନୂଆବର୍ଷ...
ତୁମକୁ ଶୁଭ ନୂଆବର୍ଷ
ତୁମେ ଇଏ ହୁଅ କି ସିଏ
ସିଏ ହୁଅ କି ଇଏ
କହି କି କାହାକୁ ହୁଏ ??

ଚହକୁ ଥାଅ
ମହକୁ ଥାଅ
ପ୍ରେମ ରେ ବୁଡ଼
ଈର୍ଷାରେ ପୋଡ଼
ତୁମେ ମହୁଲ ଫୁଲ
ନିଆଁର ଝୁଲ
କେବେ ଅହିରାଜ
ମତ୍ତ ଗଜ
ପଦୁଅଁ ବନ
କୋଇଲି ତାନ
ଯାଅ...ଯାଅ...ଯିଏ ହୁଅ
ନେଇ ଯାଅ ଯାହା ଅଛି
ବିଷାଦ ଓ ହର୍ଷ
ଶୁଭ ନୂଆବର୍ଷ....
ତୁମକୁ ଶୁଭ ନୂଆବର୍ଷ ।।

।। ସମ୍ବଲପୁର ।।

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନୂତନ ଅଭିସାରରେ ଆସୁ ନବବର୍ଷ

ପଙ୍କଜିନୀ ଉପାଧ୍ୟାୟ

ନୂତନ ବର୍ଷର ଅଭିନନ୍ଦନ

ଅଭିନନ୍ଦିତ ଚିର ବନ୍ଦିତ
ବହୁ ଆନନ୍ଦ ଅମୃତ
ନବ-ଚେତନା ନବ-ଭାବନା
ନବ ଚେତନା ଦିଗନ୍ତ ।।

ଦିବ୍ୟ ପ୍ରବାହ ଦିବ୍ୟ ପ୍ରଭାବ
ଦିବ୍ୟତାର ଅନ୍ୱେଷଣ
ଦିବ୍ୟ ଆଲ୍ଲାଦ ଦିବ୍ୟ ଉନ୍ମାଦ
ଦିବ୍ୟତାର ବିଶ୍ଳେଷଣ ।।

ନୂତନ ଯୁବ ନୂତନ ବେଗ
ନୂତନ ଅବଲମ୍ବନ
ନୂତନ ରାଗ ନୂତନ ଭାଗ୍ୟ
ନୂତନ ପ୍ରବାହମାନ ।।

ଚେତନା ଜାଗ ଚୈତନ୍ୟ ଆଗ
ନବୀନ ଏ ଚେତାବନୀ
ଚିନ୍ତିତ ପ୍ରାଣ ଚିନ୍ତା ନିମଗ୍ନ
ନବୀନତା ଆବାହନୀ ।।

ଶୁଭ ସଙ୍କେତ ଶୁଭ ଇଙ୍ଗିତ
ଶୁଭମୟ ଆକର୍ଷଣ
ଶୁଭ ଭାବନା ଶୁଭକାମନା
ଶୁଭ୍ରତାର ଆବାହନ ।।

ନଷ୍ଟ ମାନସ ନଷ୍ଟ ଆବେଶ
ନଷ୍ଟ ପଥ ବିକର୍ଷଣ
ନଷ୍ଟ ଆହ୍ୱାନ ନଷ୍ଟ ଜୀବନ
ନଷ୍ଟ ସମ୍ପର୍କର ମାନ ।।

ଦୁର୍ଗ ଦୁର୍ନୀତି ଦ୍ରୁତ ପ୍ରଗତି
ଦୁର୍ଗକୁ ଭାଙ୍ଗିବା ଚେଷ୍ଟା
ଦୁର୍ଗମ ପଥ ଦୃଢ଼ ଶପଥ
ଦୁର୍ଗତ କରିବା ନିଷ୍ଠା ।।

ଅତ୍ୟାଚାରର ମାୟାଜାଲର
ଅତ୍ୟାଚାରିତ ମାନସ
ଅତ୍ୟାଚାରକୁ ହତ୍ୟା କରିବୁ
ଅତ୍ୟାବଶ୍ୟକ ବିଶ୍ୱାସ ।।

ନୂତନ ଆଶା ନୂତନ ଭାଷା
ନୂତନ ଚେତନା ରାଗ
ନୂତନ ସୂର୍ଯ୍ୟ ନୂତନ ଆର୍ଯ୍ୟ
ନୂତନ ତୋ ଅନୁରାଗ ।।

ନବୀନ ସୂର୍ଯ୍ୟ ଦେଖ ହେ ଆର୍ଯ୍ୟ
ପ୍ରାଚୀର ଗଗନ କୋଣେ
ନବୀନ ପ୍ରଭା ସୁବିକିରଣ
ହେଉ ସର୍ବଜନ ପ୍ରାଣେ ।।

ସୁନିର୍ଣ୍ଣାୟକ ସୁପ୍ରବାହକ
ସୁଗୁଣର ଆବାହକ
ସୁପ୍ରକୃତିର ନବବସନ୍ତ
ସୃଷ୍ଟିକୁ ଦେଉ ଆଲୋକ ।।

।। ଯାଜପୁର, ଓଡ଼ିଶା ।।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ
ବିଶେଷାଙ୍କ

ବିଶ୍ୱାସୀ - ବିଶ୍ୱ

ପ୍ରବାସିନୀ ହୋତା

ବିଭବ ତ ନୁହେଁ, ବିଶ୍ୱାସରୁ ଖିଏ ଲୋଡ଼ା ବଞ୍ଚିବାର ପାଇଁ
ବିଭୀଷିକାଟିଏ ଶାନ୍ତିର ବଦଳେ ଡାକିଆଣ ତୁମେ କାହିଁ !!

ବିକ୍ଷୁବ୍ଧ ହୃଦୟ ବୁଝିପାରେ ସିନା ବ୍ୟଥା ବେଦନାର ଭାଷା
ବିଦ୍ରୂପେ ଆନକୁ ନିନ୍ଦିତ କରି କି ଆପେ ହୁଅ ଲୋକ ହସା ??
ବ୍ୟବହାର ସଦା ନିରୂପଣ କରେ ଆପଣା ମଣିଷପଣ
ବ୍ୟଭିଚାରେ ଲିପ୍ତ ବ୍ୟକ୍ତି କି ହୋଇବ ସଦାଚାରୀର ସମାନ ??

ବପୁ ନୁହେଁ,ସଦା ବାପୁଙ୍କ ଆଦର୍ଶ ଜୀବନର ଅଗ୍ରଲେଖ
ବାଙ୍ମୟତା ଠାରୁ ନୀରବତା ଭଲ,ଦିଏ ଯେବେ ଆନେ ଦୁଃଖ ।।
ବିଶ୍ୱ ବିଜୟର ବାନା ଉଡ଼ାଇଲେ କେଉଁ ଗଉରବ କୁହ !!
ବିଶ୍ୱାସେ ଯଦି କେହି ତୁମ ଆଗେ ଢାଳି ନ ପାରିଲା ଲୁହ ।।

ବୁଦବୁଦ ସମ ମଣିଷ ଜୀବନ ବୃଥା ଯେତେ ଟାଣପଣ
ବିକଟ ଏ ମହୀ ସ୍ୱାର୍ଥବଶେ ଯହିଁ ମରେ ନର ଆଜୀବନ ।।
ବ୍ୟର୍ଥ ନ ହେଉ, ଏ ମାନବ ଜୀବନ ତୁଚ୍ଛ ଅହଙ୍କାର ବଶେ
ବସୁଧୈବ କୁଟୁମ୍ବକମ୍ ମହାମନ୍ତ୍ର ଗୁଞ୍ଜିଉଠୁ ବିଶ୍ୱାକାଶେ ।।

ଭଟଲି ଛକ, ବରଗଡ଼

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ତୁମେ ଏଥର ଆସ

ସୁଦର୍ଶନ ମହାପାତ୍ର

ଆସିବାର ଅଛି ତ ଆସ
ଏମିତି ବାଣ ଫୁଟାଇ
ଚମକ ଦେଖାଇ
ଏତେ ଆଡ଼ମ୍ବର କି ଦରକାର !
ବରଂ ଆସ
ମହଣେ ନୀରବତାର
କଳା ମେଘ ଖଣ୍ଡେ ପରି ।
ଆସ ମୁଁ ପତେଇ ଦେଇଚି
ଭଗୀରଥର ପାହାଚ ପରି
ମୋ ପାପୁଲିରୁ ପଟେ,
ବଢ଼େଇ ଦେଉଛି
ନିର୍ଜ୍ଜନ ନଈପଠା ଭଳି
ଖାଁ ଖାଁ ନିସ୍ୱ ହୃଦୟଟେ ।

ତୁମେ ଆସୁନ !
ଆସ ଏବେ ସନ୍ତର୍ପଣରେ
ଆସ, ଫୁଲକୁ ମହକ ଆସିଲା ପରି
ଆସ, ମେଘକୁ ବର୍ଷା ଆସିଲା ପରି
ଆଉ ଚଢ଼େଇ ଡେଣାରେ ଆତଯାତ
ଟିକିଏ ପବନର
ନୀରବ ନିଃଶ୍ୱାସ ପରି।

ଥପ୍ କରି ମହୁଫେଣାର ବୁନ୍ଦାଏ
ମହୁ ପରି ଆସ
ଗୋଟିଏ ସୂର୍ଯ୍ୟର
କୋଟିଏ ପ୍ରତିଛବି ହୋଇ
ତୁମେ ଆସ
ବିଞ୍ଚି ଦିଅ ସୁନେଲି କିରଣ
ଜନ ମାନସରେ ।
ପ୍ରତିଭାତ ହେଉ
ନୂଆ ଆଶା, ନୂଆ ଆକାଂକ୍ଷା
ପରିବ୍ୟାପ୍ତ ହେଉ ମଣିଷ ପଣିଆ
ଅନାହୂତ ସମ୍ପର୍କର
ବର୍ତ୍ତୁଳ ଅଙ୍ଗୀକାରରେ.....!!!

ନୂଆବର୍ଷ !
ତୁମେ ଏଥର ଆସ।



ଶ୍ରୀ ସୁଦର୍ଶନ ମହାପାତ୍ର
କୁଞ୍ଜବିହାରୀ ଲେନ, କଟକ ନିବାସୀ
ଜଣେ ଉଦୀୟମାନ କବି ତଥା ଗାଳ୍ପିକ ।

ଶ୍ରୀ ସୁଦର୍ଶନ ମହାପାତ୍ରଙ୍କ ଭାବପୂର୍ଣ୍ଣ ଅଥଚ ସଂକ୍ଷିପ୍ତ ବକ୍ତବ୍ୟ ଏବଂ ଶବ୍ଦ ଚୟନର ନିଆରାପଣ ଯୋଗୁଁ ଓଡ଼ିଆ କବିତାରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।
ତାଙ୍କର ନିରୋଳା ଅନୁଭବକୁ ବିନା ସଜବାଜରେ ପାଠକ ଆଗରେ ମେଲି ଧରିବାର କ୍ଷମତା ହିଁ ତାଙ୍କର ବିଶେଷତ୍ୱ । ଓଡ଼ିଶାର ପ୍ରମୁଖ ପତ୍ର ପତ୍ରିକାରେ ତାଙ୍କର କବିତା, ଗଳ୍ପ ଆଦି ପ୍ରକାଶିତ ହୋଇଛି, ଏହା ପାଠକମାନଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିଛି ।
ତାଙ୍କର ସୃଜନଶୀଳତାର ସ୍ୱୀକୃତି ଭାବେ ସେ **" ବିନ୍ଦୁ ପ୍ରତିଭା ସମ୍ମାନ"** – (ବିନ୍ଦୁ ସାହିତ୍ୟ ସମାଜ) ଏପରି ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି ।
"ନବବର୍ଷର ଅଭିନନ୍ଦନ"କୁ ନେଇ ତାଙ୍କ ଲେଖନୀରୁ ନିଃସୃତ ହୋଇଥିବା ଦୁଇଟି କବିତା :**" ତୁମେ ଏଥର ଆସ "** ଏବଂ **" ସ୍ୱାଗତ ନୂଆବର୍ଷ "**

ସ୍ୱାଗତ ନୂଆବର୍ଷ

ସୁଦର୍ଶନ ମହାପାତ୍ର

କବାଟ ଖୋଲ
ବହିଯାଉ ପୁରୁଣା ପବନ
ମାୟା ନଈର ସୁଅରେ
ଭାସିଯାଉ କୋହର ନିଃଶବ୍ଦ ସ୍ୱର ।

ଆକାଶି ସ୍ୱପ୍ନ ଖୋଜାରେ
ଦିନ ସରିଗଲା ଆମର
ଅନ୍ଧକାରରେ ଲୁଚିଗଲେ ନୀଳାଭ ତମାମ୍ ଦୃଶ୍ୟ
ହୃଦୟରୁ ମୁକୁଳି ଗଲେ ଛଣ ଛପରର ଘର ।

ଅନାହୁତ ଝଡର ତାଣ୍ଡବ ପରେ
ଭୋକିଲା ବାଦୁଡି ଇତସ୍ତତଃ ଉଡି ବୁଲେ ,
ଫୁଙ୍ଗୁଳା ଦେହରେ,ଉଜୁଡା ଖେତରେ
ମୁଣ୍ଡରେ ହାତ ଦେଇ ବସିଛି ହଳିଆ
ଛତର କେନ୍ଦ୍ରରେ ଏବେ ପାଞ୍ଚଟଙ୍କାର ଥାଳି
ଜନ- ଧନ ଖାତାରେ ପ୍ରାପ୍ତି ଅପ୍ରାପ୍ତିର କଳି ।

କଅଁଳିଥିବା
ଛନ ଛନ ସ୍ୱପ୍ନର କ୍ଷେତରେ
ସଞ୍ଚରିଗଲା ଅଶାନ୍ତ ଝଡ
ଉଜୁଡିଗଲା କଂସା ପିତ୍ତଳ
ଅଛନ୍ଦା,ଅବନ୍ଧା ନଈର କପାଳ
ରାମ ରାବଣର ଯୁଦ୍ଧରେ
ସମସ୍ତେ ପାଶୋରି ଦେଲେ
ସବୁଜ ସକାଳ।

ଖୋଲିଦିଅ ଏଥର
କବାଟ, ଝରକା,ଆଦିମ ଗୁମ୍ଫା ଓ
ସବୁତକ ଇତିହାସ
ସବୁ ସରିଗଲା ପରେ
ଶୂନ୍ୟ-ସ୍ଥାନ ହୁଏତ ଉଖାରି ଆଣିବ
ପେଟ, ପିଠି ଲାଗିନଥିବା
ଏକ ନିଆରା ମଣିଷ..।
ବିକଶିତ ସ୍ୱପ୍ନ ଆଉ ପ୍ରତିଶ୍ରୁତି ସହିତ
ସଚରାଚର ଉଛୁଳି ପଡିବ
ଅହେତୁକ ଉଚ୍ଛ୍ୱାସ
ସମ୍ଭାବନାର ଉନ୍ମେଷରେ
ପ୍ରତିଭାତ ହେବ-**"ନୂଆବର୍ଷ"** ।

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ପରିକ୍ରମଣ

ଜୟଶ୍ରୀ ପଟ୍ଟନାୟକ

ସ୍ମୃତିର ଝରକାରେ ପୁରୁଣାବର୍ଷ
ସଦ୍ୟ ଡାଏରୀ ପୃଷ୍ଠାରେ ଏରୁଣ୍ଡି
ଡେଇଁଛି ସୁନାର ତାରିଖ
ଗତଦିନର ସ୍ମୃତି ଆଉ ଉଦିୟମାନ ସୂର୍ଯ୍ୟକୁ
ସ୍ୱାଗତ କରି ସାଉଁଟୁଥିବା ନୂଆ ଅନୁଭୂତି
ସନ୍ଧିକ୍ଷଣରେ ଭେଟ ନୂଆ ସକାଳ ସହ
ସମ୍ଭାବନାମୟ ସ୍ୱପ୍ନ ସହ ।

କାଲି ବେଶ ଭିଡ଼ ଜମିଥିଲା
ସହରର ଗଳି କନ୍ଦି, ମାଂସ ଦୋକାନରେ
ମାଳ ମାଳ ଅଭିନନ୍ଦନ ପତ୍ର,ରଙ୍ଗୀନ ଲିଚୁମାଳ
ଶୁଭେଚ୍ଛା ର ଗୋଲାପ ଫୁଲ ଆଉ
ଡି. ଜେ ଶବ୍ଦରେ ନୂଆ ଅତିଥିକୁ ସ୍ୱାଗତ
ସେ ସବୁରେ ଭରି ରହିଥିଲା ବିଦାୟ ବର୍ଷର
ଅଙ୍ଗେ ନିଭା କଥା ।
କ୍ୟାଲେଣ୍ଡର ପୃଷ୍ଠା ଓଲଟାଇଲେ
ଭାରି ଲାଗୁଥିଲା ତାରିଖ ।

ଏବେ ଗୋଟେ ନୂଆ ସକାଳ ସହ ଭେଟ
ମନରେ ମାଖି ହୋଇଯାଏ ନୂଆ-ରଙ୍ଗ
ନୂଆ ଉଦ୍ଦୀପନାର,ପୌଷର ଭିଜା ପଣତରେ
ଲେଖି ହୋଇଯାଏ ନୂଆ କିଛି କଥା ।

ପୃଥିବୀ ସୂର୍ଯ୍ୟକୁ ପରିକ୍ରମଣ କଲା ପରେ
ସଜେଇ ହୋଇ ପଡନ୍ତି କ୍ୟାଲେଣ୍ଡର ପୃଷ୍ଠାରେ
ଛ'ଋତୁ, ବାରମାସ, ତିଥି, ନକ୍ଷତ୍ର ,ବାର-ବ୍ରତ
ସଜେଇ ହୋଇ ପଡନ୍ତି ବାର-ରାଶି କହିବାକୁ ଭବିତବ୍ୟ
ସବୁରି ମନରେ ଥାଏ କିଛି ନୂଆ ନୂଆ ଭାବ ।

ଆସ ଗତିଶୀଳ ସମୟକୁ ସାକାର କରିବା
ସ୍ୱାଗତ କରିବା ନୂଆ ଏକ ବର୍ଷକୁ
ବିଗତ ଦିନର ଦୁଃଖ, ସୁଖ, ଝଡ, ଝଞ୍ଜା
ଚିହ୍ନା ଅଚିହ୍ନା ମୁହୂର୍ତ୍ତ ମାନଙ୍କୁ ନୂଆ ପରିଚୟ ଦେବା
ନୂଆ କାହାଣୀଟିଏ ରଚିବା
ଯୋଉ କାହାଣୀରେ ମଧୁମୟ ହେବ ସୃଷ୍ଟି
ଅମୃତମୟ ହେବ ସମ୍ପର୍କ
ତମସା ର ପଥ ଚିରି ଉଦ୍ଭାସିତ ହେବ
ଏକ ନୂଆ ଦିଗନ୍ତ ।

ଶାନ୍ତି ହେଉ ଅନ୍ତରୀକ୍ଷ, ଶାନ୍ତି ହେଉ ଧରା
ମଧୁକ୍ଷରା ହେଉ ପୃଥିବୀ,
ସୁନ୍ଦର ହେଉ ସମ୍ପର୍କର ବର୍ଣ୍ଣମାଳା ।
ରୋଗ, ଶୋକ, ଦୁଃଖ, ଦୈନ୍ୟ ରେ
ସହାୟ ହୋଇଥାନ୍ତୁ ପ୍ରଭୁ ଚକାଡୋଳା ।

ଗଙ୍ଗନଗର, ଭୁବନେଶ୍ୱର

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନବୀନ ସଂକଳ୍ପ...

ଅରୁଣ କୁମାର ମହାନ୍ତି

(ରାଗ-ଆଷାଢ ଶୁକ୍ଲ ବରାଡୀ)

ଚାହୁଁ ଚାହୁଁ କଟେ ମାସ ବରଷ
ନବବର୍ଷ ଆସେ ନେଇ ହରଷ
ସୁଖ ସମ୍ଭାରରେ ହସୁ ଏ ଦେଶ
ଅପସରି ଯାଉ ହିଂସା କଳୁଷ
ଏତିକି କାମନା
କୃପା କର ପ୍ରଭୁ ଉଡୁଛିବାନା....॥୧॥

ହସି ଉଠୁ ଧରା ପ୍ରେମ ଲଗନେ
ଜାତି ଧର୍ମ ଦ୍ୱେଷ ନ ଆସୁ ମନେ
ପ୍ରସାରିତ ହେଉ ଶାନ୍ତି ଭୁବନେ
ସୁଖରେ ରୁହନ୍ତୁ ସକଳ ଜନେ
କରି ଆଲିଙ୍ଗନ
ନବ ବରଷକୁ କର ପାଳନ...॥୨॥

ପିତା ମାତା ସେବା ସକଳ ତୀର୍ଥ
ଖୁସି ମନେ କଲେ ହେବ କୃତାର୍ଥ
ସାହା ହେବେ ସଦା ଶ୍ରୀ ଜଗନ୍ନାଥ
କର୍ମ ଆମ୍ଭ କେବେ ହେବନି ବ୍ୟର୍ଥ
ନବୀନ ସଂକଳ୍ପ
କର ବାରେ ବନ୍ଧୁ ନାହିଁ ବିକଳ୍ପ ..॥ ୩ ॥

ନ ରଚୁ ପ୍ରକୃତି ତାଣ୍ଡବଲୀଳା
ନ ହେଉ ଧର୍ଷିତା ଏ ଦେଶେ ବାଳା
ପୂର୍ତ୍ତି ହେଉ ଲୋକ ଉଦର ଜ୍ୱାଳା
ନ କାଟୁ କେହି ତ କାହାର ଗଳା
ନୋହୁ କେବେ ଦଙ୍ଗା
ରକ୍ତ ଶସ୍ତା ଏଠି ପାଣି ମହାଙ୍ଗା... ॥ ୪ ॥

ଦୀନ ଜନ ପ୍ରତି ନ କର ହେଳା
ସରିଯିବ ତୋର ଏ ଭବ ଖେଳା
ମଝି ଦରିଆରେ ବୁଡିବ ଭେଳା
କୃପା ବଳେ ନାଥ ରଖିବେ ବେଳା
ସତ୍ କର୍ମ କର
ଅନ୍ୟାୟ ବିରୁଦ୍ଧରେ ଅସ୍ତ୍ର ଧର..... ॥୫॥

ନବ ବରଷର ଏ ଅନୁଚିନ୍ତା
ଅଖଣ୍ଡ ରହୁ ମୋ ଭାରତ ମାତା
ସଭିଁଙ୍କୁ ମୋହର ଏହି ବାରତା
ହୃଦୟେ ରଖ ସଦା ମାନବତା
କହୁଛି ଏତିକି
ବିଶ୍ୱଭ୍ରାତୃ ଭାବ ରଖ ମତିକି....॥୬ ॥

ଯାଜପୁର
ଦୂରଭାଷ:- ୭୭୧୫୦୮୧୩୦୮

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ

ନବବର୍ଷକୁ ଉପଦେଶ

ଲତିକା ବିଳାସ

ଆସିବୁ ବୋଲି ତୁ ଧନମଣି ମୋର
କେତେ ଉତ୍ସାହ ଆନନ୍ଦ ,
ସାଜସଜ୍ଜା ,ଗୀତ ,ନୃତ୍ୟ ,ବାଦ୍ୟେ କାହିଁ
ଲାଜେ ଲୁଚିଛି ବିଷାଦ ॥

ଶୀତ , ନିଦ୍ରା ଭୁଲି ଜନତା ପ୍ରସ୍ତୁତ
ବାଣ୍ଟିବେ ଶୁଭକାମନା ,
ଗୋଟିଏ ଦିନରେ ଏକାଠି ପୃଥିବୀ
ଜାଗିଛି ବିଶ୍ୱଭାବନା ॥

ଶୁନମୟ ଘଣ୍ଟା ହୋଇଗଲା ,ହେଲା
ଅପେକ୍ଷାର ଅବସାନ,
ଆଲୋକ,ଆତସବାଜି ରେ କମ୍ପିଲା
ସ୍ଥଳ,ଗଗନ,ପବନ ॥

ଜନ୍ମ ନେଲୁ ତୁହି ନୂତନ ବରଷ
ସୁନ୍ଦର ନବଜାତକ ,
ଗ୍ରହଦଶା ଦେଖି ଜାତକ ଲେଖିଲେ
ଜ୍ୟୋତିଷ , ଶୁଭଚିନ୍ତକ ॥

କଅଁଳ କୁସୁମ କଳିକା ଆଜି ତୁ
ଫୁଟିବୁ ତ ଧୀରେ ଧୀରେ ,
ମଖମଲ୍ଲୀ ଶେଯେ ଶୋଇବୁ ତ କେବେ
ଚାଲିବୁ ଖଣ୍ଡାର ଧାରେ ॥

ପୁରୁଣା ବର୍ଷର ଛାଞ୍ଚରେ ନପଡି
କରିବୁ ସ୍ୱାଧୀନ ଚିନ୍ତା ,
ଭଲ କାମ କଲେ ଯୁଗ ଯୁଗ ପାଇଁ
ହେବୁ ତୁ ଜଗତ ଜିତା ॥.

କଷିବୁ ନାହିଁ ତୁ କଳାଧନ ଅଙ୍କ
ଲାଞ୍ଚ ପେଞ୍ଚ ମାନସାଙ୍କ ,
ଭୋକର ଭୂଗୋଳ ନପଢି , ହଟାଇ
ଚାଲିବୁ ଅଭାବ ଦୁଃଖ ॥

ପଢିବୁ ନାହିଁ ତୁ ଦାଦନ ସାହିତ୍ୟ
ଆତଙ୍କବାଦୀ ଙ୍କ କଥା ,
ଲେଖିବୁ ନାହିଁ ତୁ ଦୁର୍ନୀତି ପ୍ରବନ୍ଧ
ମାଓମଣିଷଙ୍କ ଗାଥା ॥

କାରଖାନା ମୟ ଟାଙ୍ଗରା ଭୂଇଁର
ଆଙ୍କିବୁନି ଚିତ୍ରାଙ୍କନ ,
ଖଣି ଖଦାନକୁ ଶୋଷିବୁନି ବେଶୀ
ଧରା ହେବ କମ୍ପମାନ ॥

ଲେଖିବୁ ନାହିଁ ତୁ ଇତିହାସେ ଆଉ
ଯୁଦ୍ଧ ଭୟ ବିଭୀଷିକା ,
ନାରୀର ପବିତ୍ର ଚରିତ୍ର ରେ କେବେ
ଥାପିବୁନି କଳାଟିକା ॥

ଅନ୍ୟାୟ ପକ୍ଷର ମହକିଲ ପାଇଁ
କରିବୁନି ଓକିଲାତି ,
କୃଷକ ,ଶ୍ରମିକ ଅଧିକାର ନେଇ
ନ କରିବୁ ରାଜନୀତି ॥

ଅନ୍ଧ ବିଶ୍ୱାସର ଡାଆଣୀ ଜୁଇକୁ
କରିଦେବୁ ପ୍ରଶମିତ ,
ଜାତି,ଧର୍ମ ନାମେ ହିଂସା ଅହଙ୍କାରେ
ହେବୁ ନାହିଁ ନିୟୋଜିତ ॥

ଉପଦେଶ ହେଜି କୁ -କର୍ମ କୁ ତେଜି
ସୁ- କର୍ମ ରେ ଦେବୁ ଧ୍ୟାନ ,
ତେବେ ଧନ ଦୁଇ ହଜାର କୋଡିଏ
ଲଭିବୁ ଶ୍ରେଷ୍ଠ ସମ୍ମାନ ॥

ବରଗଡ

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ସତ କୁହ ହେ ନୂଆ ବରଷ !

ବାଉରିବନ୍ଧୁ ଲେଙ୍କା

ନୂତନ ବର୍ଷର ଅଭିନନ୍ଦନ

ତୁମ ପାଇଁ ସ୍ୱାଗତ ତୋରଣ
କେତେ ରଙ୍ଗେ ଆଲୋକର ସଜ୍ଜା
ପୁର ପଲ୍ଲି ସହର ନଗର
ସବୁଠାରେ ନୃତ୍ୟ ଗୀତ ମଜ୍ଜା ॥

ଭିନ୍ନ ଭିନ୍ନ ସୁସ୍ୱାଦୁ ଭୋଜନ
ମାଂସ ସଙ୍ଗେ ମଦିରାର ନିଶା
ସଂଗୀତର ତାଳେ ତାଳେ ନୃତ୍ୟ
ଭୁଲି ସବୁ ଦୁଃଖ ଓ ଦୁର୍ଦଶା ॥

କି ଧନୀ କି ଗରିବ ସେ ହେଉ
ଚଢିଅଛି ନୂଆବର୍ଷ ନିଶା
ଭଲ ହେଲେ ପ୍ରଥମ ଦିନଟା
ବର୍ଷସାରା ପୂର୍ଣ୍ଣ ହେବ ଆଶା ॥

ତୁମେ କିନ୍ତୁ ସମୟରେ ବନ୍ଧା
ଆଗ ପଛ ହୁଅ ନାହିଁ କେବେ
ଅର୍ଦ୍ଧରାତ୍ରେ ହାଡଭଙ୍ଗା ଶୀତେ
ଧୀରେ ପାଦ ଥାପ ଏହି ଭବେ ॥

କେତେ ଶୁଭ କାମନାର ବାର୍ତ୍ତା
ଭାଇବନ୍ଧୁ ଆତ୍ମୀୟ ସ୍ୱଜନେ
ପ୍ରେରଣରେ ହୋଇଯାନ୍ତି ମଗ୍ନ
ତୁମ ଧରାପୃଷ୍ଠ ଆଗମନେ ॥

ପୁଷ୍ପଗୁଚ୍ଛ ସଙ୍ଗେ ଉପହାର
ଧରି ଅଧସ୍ତନ କର୍ମଚାରୀ
ପହଞ୍ଚନ୍ତି ସକାଳୁ ସକାଳୁ
ତୋଷିବାକୁ ଉଚ୍ଚ ଅଧିକାରୀ ॥

ନେତା ଆଉ ମନ୍ତ୍ରୀମାନଙ୍କର
ବଙ୍ଗଳାରେ ହୁଏ ଭାରି ଭିଡ
ଦାମୀ ଉପହାର ଦେଲେ ଆଜି
ବର୍ଷସାରା ନାହିଁ ଖୋଳତାଡ ॥

ଜନତାଙ୍କୁ ଖୁସି କରିବାକୁ
ନେତାଙ୍କର ଶୁଭେଚ୍ଛାର ବାର୍ତ୍ତା
ଛପାହୁଏ ଖବର କାଗଜେ
ବ୍ୟାନରରେ ଛାଇଯାଏ ରାସ୍ତା ॥

ଭିଡ ଲାଗେ ସକାଳୁ ସକାଳୁ
ସାନ ବଡ ମନ୍ଦିର ସମ୍ମୁଖେ
ଜଣାଇବା ପାଇଁ ଅଭିଳାଷ
ସାହା ହେବେ ପ୍ରଭୁ ଦୁଃଖେ ସୁଖେ ॥

ନୂଆବର୍ଷ ପାଇଁ ଶ୍ରୀମନ୍ଦିରେ
ସୃଷ୍ଟି ଏକ ନୂଆ ପରମ୍ପରା
ଭକ୍ତ ଭିଡ ସମ୍ଭାଳିବା ପାଇଁ
ବନ୍ଦୋବସ୍ତ ହୁଅଇ ନିଆରା ॥

ସତ କୁହ ହେ ନୂଆ ବରଷ !
ତୁମର କି ଏଥି ପ୍ରତି ଦୃଷ୍ଟି
ପଡିଛି କି କେବେ କେଉଁ ବର୍ଷ
ଯେବେ ଠାରୁ ଆରମ୍ଭ ଏ ସୃଷ୍ଟି ॥

ଏହିପରି ଆସି ଚାଲିଯାଅ
ସମୟର ନାହିଁ ଉଲ୍ଲଙ୍ଘନ
ଏ ମଣିଷ ମିଛରେ ବାଇଆ
ତୁମ ପାଇଁ କରେ ଆୟୋଜନ ॥

ସବୁ ଡୋରି ଏକା ତା ହାତରେ
ସେ ଜଗତପତି ଜଗତ୍-କର୍ତ୍ତା
ସେ ଚାହିଁଲେ ସୁଖେ ଯିବ ଦିନ
ସେହି ଅଟେ ଜଗତ-ନିୟନ୍ତା ॥

****

ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର
ଭୁବନେଶ୍ୱର, ୯୮୫୩୫୩୫୮୪୪

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନୂତନ ବର୍ଷର ଅଭିନନ୍ଦନ

ଅଭିନନ୍ଦନ ତୁମକୁ

ଶ୍ରୀମତୀ ବସନ୍ତ ମିଶ୍ର

ଘୂରି ଚାଲିଥାଏ ସମୟର ଚକ
ଅବିରତ ଦିନରାତି
ଆଜି ଯାହା ନୂଆ କାଲିକି ପୁରୁଣା
ଏ ତ ଦୁନିଆର ରୀତି ।୦।

ନୂଆ ରୂପେ ଆସ ନୂତନ ବରଷ
ସପନର ବୀଜ ବୁଣି
ଭରିଦିଅ ମନେ ଅସରନ୍ତି ଆଶା
ଆଲୋକର ରାଶି ପୁଣି
ସୁଖର ଚନ୍ଦନ ବୋଳି ପୋଛିଦିଅ
ପୁରୁଣା ଯାତନା ରାଶି ।୧।
ଘୂରି ଚାଲିଥାଏ .....।

ତୁମର ସ୍ୱାଗତ ପାଇଁ ଘରେ ଘରେ
ଖୁସିର ଫସଲ ଲୋଟେ
ଭୋଜିଭାତ ଗୀତ ନାଚର ଆସରେ
ଆନନ୍ଦ ଫୁଆର ଛୁଟେ
କରିବନି କରେ ମିନତି ପୁରୁଣା
ଖେଳର ପୁନରାବୃତ୍ତି ।୨।
ଘୂରି ଚାଲିଥାଏ .....।

ଖେଳିବନି ହୋରି ରକତେ ଦେବନି
କାହାରି ଆଖିରେ ଲୁହ
ଭରିଦେବ ସୁଖ, ସନ୍ତୋଷ ମିଟାଇ
ଅବଳା ବୁକୁରୁ କୋହ
ଅଭିନନ୍ଦନ ହେ ତୁମକୁ ଶୁଭରେ
ଯାଉ ବରଷକ ବିତି । ୩ ।
ଘୂରି ଚାଲିଥାଏ .....।

ଭଦ୍ରକ ,ଓଡିଶା

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଶରଣ ଦିଅ ହେ ଶ୍ରୀହରି

ସୁଷମା ପରିଜା

(ତୋରେ ଶରଣ ଗଲି ରେ ମୁରଲୀ ବୃତ୍ତ ରେ)

ମୁହିଁ ଶରଣ ଗଲି ହେ ଶ୍ରୀ ହରି
ଭବସାଗରରୁ କରିବ ପାରି ।। ହେ ଶ୍ରୀହରି

ତୁମ୍ଭ ପାଦପଦ୍ମେ ନେଲି ଶରଣ
ଉଦ୍ଧାର କରିବ ପତିତତ୍ରାଣ ।। ହେ ଶ୍ରୀହରି

ଅଜ୍ଞାନରେ ଯେତେ କରିଛି ପାପ
କ୍ଷମା କରି ନାଶ ଭବ ସନ୍ତାପ ।। ହେ ଶ୍ରୀହରି

ଜାଣେ ନାହିଁ ପୂଜା କରମ-ବିଧି
ଜାଣେନା ତପସ୍ୟା,ଧ୍ୟାନ, ସମାଧି ।।ହେ ଶ୍ରୀହରି

ମନୁଷ୍ୟ ଯୋନିରେ କରିଛ ଜାତ
ହୋଇଛି ବିଷୟା-ବିଷେ ଆସକ୍ତ।।ହେ ଶ୍ରୀହରି

ରୂପ ଅଇଶ୍ୱର୍ଯ୍ୟ କ୍ଷମତା ବଳେ
ଧରାକୁ ସରା ମୁଁ ମଣିଛି ହେଳେ।।ହେ ଶ୍ରୀହରି

ଦିନେ କରିନାହିଁ ତୁମ୍ଭରି ଧ୍ୟାନ
କରିନାହିଁ କେବେ ପୂଜା ବିଧାନ।। ହେ ଶ୍ରୀହରି

ଅମଡାବାଟରେ ଚାଲିଛି ଯେତେ
କାହାମନେ କଷ୍ଟ ଦେଇଛି କେତେ।। ହେ ଶ୍ରୀହରି

ଉତ୍ତର ବୟସେ ପଶୁଛି ଚେତା
ଦିନ ପରେ ଦିନ ବଢୁଛି ଚିନ୍ତା ।।ହେ ଶ୍ରୀହରି

କି କଲି, କି କଲି, ଏବେ ଭାବୁଛି
ଦୁର୍ଲ୍ଲଭ ମାନବ ଜନ୍ମେ ହୁଡିଛି।। ହେ ଶ୍ରୀହରି

ପଶ୍ଚାତାପେ ଆଜି କାଟୁଛି ଦିନ
ତୁମ୍ଭ ଶ୍ରୀଚରଣେ ଗଲି ଶରଣ ।। ହେ ଶ୍ରୀହରି

ମୋହର ପ୍ରାରବ୍ଧ କର୍ମ ଭୋଗୁଛି
ଅହରହ ଅନୁତାପେ ଜଳୁଛି ।।ହେ ଶ୍ରୀହରି

ଆଖି ଲୁହେ ଧୋଇ ତୁମ୍ଭ ଚରଣ
ମାଗୁଛି ପ୍ରଭୁ ହେ ତୁମ୍ଭ ଶରଣ।।ହେ ଶ୍ରୀହରି

ଜନ୍ମ ଜନ୍ମାନ୍ତର ପାପ ବିନାଶି
ମୁକ୍ତି ଦେବ ମୋତେ ହେ ବ୍ରହ୍ମରାଶି ।। ହେ ଶ୍ରୀହରି

ନୂଆଁ ବରଷରେ କର କରୁଣା
ନ କରୁ ବ୍ୟଥିତ ଦୁଃଖ ଯନ୍ତ୍ରଣା ।। ହେ ଶ୍ରୀହରି.

ଶାରଳା ଭବନ / ପୋଡାପୋଖରୀ /ନୂଆବଜାର / କଟକ
visit : www.hirranmayi.com

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଜୀବନ ତପସ୍ୟା

ଦୀପକ କୁମାର ଦେ

ପୃଥ୍ୱୀକୋଳେ ପରିବର୍ତ୍ତିତ ସାଗର ଉତ୍ତାଳ ତରଙ୍ଗେ,
ଅପସ୍ରୟମାଣ ମନ ବିହ୍ୱଳିତ ମୃଦୁ ମୃଦୁ ହସେ ।
ଅନ୍ଧ ପ୍ରାଚୀରରେ ଅଭିନନ୍ଦନୀୟ ହରଷ ଉଦାସେ ,
ଆବେଗିକ ସମ୍ପର୍କେ ଲୋଟେ ଗୋଲାପ ପାଖୁଡା ନିଃସଙ୍ଗେ ।

ପରମ ବିସ୍ମୟେ ମୁରୁକି ମୁରୁକି ହସେ ସ୍ଥିର ବୃଦ୍ଧ;
ଭୁଷୁଡେ କାନ୍ଥ, ଉଇଖିଆ ଝାଟିମାଟି ଅସ୍ତିତ୍ୱ ଶୂନ୍ୟ,
ସୁଉଚ୍ଚ ପ୍ରାସାଦେ ଝଲମଲ ପରସ୍ତ ପରସ୍ତ ଚୂନ,
ଭଲ-ମନ୍ଦେ, ସୁଖ-ଦୁଃଖେ ଅମଣିଷରୁ ମଣିଷ ଯୁଦ୍ଧ ।

ନିମଗ୍ନ ବନବିହାରେ ,ବେଳାଭୂମି ପରେ ମଧୁରାହା,
ସନ୍ଧ୍ୟାଳେ ଘର-ସଂସାର ମାଆ ମୋର ଚୁଲ୍ଲୀ-ହାଣ୍ଡିଶାଳେ,
ନିସ୍ତବ୍ଧ ରାତ୍ରୀର ଆଗମନେ ଜୀବନ ପଣତତଳେ-
ଦୀପର ଆଲୋକ ଜଳେ : ଶାନ୍ତି-ମୈତ୍ରୀ-ପ୍ରିତୀ -ବାରିଧାରା ।

ଦିନ-ବାର-ତିଥି ବଦଳିଲେ ,ବଦଳେନି ପରିଭାଷା,
ମୁକ୍ତିପଥେ ପାର୍ଥିବ ଜୀବନଚର୍ଯ୍ୟା,ଚେତନା ତପସ୍ୟା।

॥ ଓଡିଶା ॥

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଶୁଭ ନବବର୍ଷ

କନକ ଲତା ଦାଶ୍ / ମିଶ୍ର

ଅଖଣ୍ଡ କାଳଚକ୍ର ର ହେ ! କାଳଖଣ୍ଡ
ଶୁଭଙ୍କର ହୁଅ ତୁମେ..ସମସ୍ତଙ୍କ ପାଇଁ.
ଅସଜଡ଼ା ସ୍ୱପ୍ନ କୁ ସଜେଇ
ପୁଣି ତୁମ ଆବାହନ କରେ ମୁଁ.. ।

ଆସ ମାନବିକତାର ମନ୍ତ୍ର ପଢି କହିଦିଅ
ସବୁରି କାନରେ ଏ ଧରାକୁ ସ୍ୱର୍ଗ କରିବାର
ପ୍ରୟାସ ଜାରି ରହୁ ।

ଲିଭିଯାଉ ଯେତେ ଯେତେ
ଅମାନବୀୟ ଅସୂୟା ର ନିଆଁ ।
ଶିଶିର ଭିଜାପତ୍ର ଫାଙ୍କ ରୁ -
ଦିଶିଲାଣି ସୂର୍ଯ୍ୟ ଙ୍କ କିମିଆ...।

*****

ଉଠ , ଜାଗିଉଠ ପ୍ରିୟ ବନ୍ଧୁ ସାଥି ସହଚର
ଏ ଅମୃତ ଲଗ୍ନ ରେ
ନେବାକୁ ଅଛି କେତେ ଯେ ଶପଥ
କରିବା ପ୍ରଚେଷ୍ଟା ତାକୁ ସବୁ କରିବାକୁ ସତ ।
ଶୁଭେଚ୍ଛା ନୂଆବର୍ଷ ର....

ଚହଟା ନଗର, କଟକ

ଦ୍ୱିତୀୟ ସଂଖ୍ୟା
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନବବର୍ଷ ର ଅନୁଚିନ୍ତା : ଡକ୍ଟର କୃତ୍ତିବାସ ନାୟକଙ୍କ ଇଂରାଜୀ ନବ ବର୍ଷର ଅଭିନନ୍ଦନ ସହ

ତିନୋଟି କବିତା ର ଭେଟି : ନୂଆବରଷ / ଜୀବନ ଦର୍ଶନ: ମୋ ପ୍ରଶ୍ନର ଉତ୍ତର / ଅଡୁଆ କଥା



ନୂଆବରଷ

ଡକ୍ଟର କୃତ୍ତିବାସ ନାୟକ

ଫୁଲବେଶ ଧରି ସୁନା ପାଲିଙ୍କିରେ
ଆସିଛି ମୁଁ ବନ୍ଧୁ ନୂଆ,
ମୋ ମନ କହୁଛି ଅତି ଶରଧାରେ
ଦେବି ପ୍ରେମ ପ୍ରୀତି ଛୁଆଁ । (ଘୋଷା)

ହାତ ବଢେଇଲେ ମୋ ହାତ ଛୁଇଁବ
ଦେବି ମୁଁ ପ୍ରଣୟ ତାତି,
ତୁମରି ପ୍ରୀତିରେ ମୁଁ ରହିବି ମାତି
ଦିନ ହେଉ ଅବା ରାତି ।
ଅଦେଖା ବିପଦ ହୋଇବ ସଂପଦ
ନ ଥିବ ଅନ୍ଧାର ଧୂଆଁ । (୧)

ତୁମସାଥେ ମୋର ପ୍ରୀତିଭାବ ଥିଲେ
ଏକ ହୋଇଯିବା ଆମେ,
ମୋ ଦୁଃଖରେ ଦୁଃଖୀ ମୋ ସୁଖରେ ସୁଖୀ
ଭାଗିଦାର ହେବ ତୁମେ ।
ଫେରିଯିବି ପୁଣି ମୁଖେ ହସଦେଇ
ବର୍ଷକର ମୁଁ କୁଣିଆଁ । (୨)

ଶୈଳଶ୍ରୀ ବିହାର. ଭୁବନେଶ୍ୱର
ଫୋନ : ୯୯୩୭୭୪୩୫୦୮

ଜୀବନ ଦର୍ଶନ :
ମୋ ପ୍ରଶ୍ନର ଉତ୍ତର

ଡକ୍ଟର କୃତ୍ତିବାସ ନାୟକ

ପଚାରିଲି ଦିନେ ଆକାଶକୁ ମୋତେ
ଏତେ ସରି କଲା କିଏ ?
ଆକାଶ କହିଲା-ସବୁ ତୁ କରୁଛୁ
ବାହାରେ କି ଦୋଷୀ ଥାଏ ?

ବାପା ବୋଉ ଖୁଡ଼ି ମାମୁ ମାଇଁ ଡାକ
ଚୋରି କରିନେଲା କିଏ ?
ମମି ଡ଼ାଡ଼ି ଡାକ ଶୁଣିବାକୁ ପରା
ତୋର ମାଆ ଭଲପାଏ ।

ବର୍ଣ୍ଣବୋଧ ପାଠ ଚକ ଅଖ ନଳ
ଲିଭେଇ ଦେଇଛି କିଏ ?
ତୁମ ବିଦ୍ୟାଳୟ ଶିକ୍ଷକମାନେ ତ
କରୁଛନ୍ତି ଗୁଡ଼ବାଏ ।

ଆମ ପିଠା-ପଣା ମିଳେନା କାହିଁକି
ନୁଡୁଲ ଖୋଉଛି କିଏ ?
ତମରି ପଢ଼ିଶା ଦେଖା ଶିଖାରେ ତ
ବ୍ରେକଫାଷ୍ଟ ଖିଆହୁଏ ।

ଆମ ଇତିହାସ ଗଉରବ ଗାଥା
ଲୁଚେଇ ରଖିଲା କିଏ ?
ତମ ଶିକ୍ଷାନୀତି ପଣ୍ଡିତଙ୍କୁ ଖାଲି
ବିଦେଶ ହିଁ ଦେଖାଯାଏ ।

ଆମ ରାଇଜର ସଂସ୍କୃତିକୁ ପୁଣି
ବିକୃତ କରୁଛି କିଏ ?
ତୁମ ଘରଲୋକ ତୁମ ସାଙ୍ଗସାଥି
ତୁମଛଡ଼ା କେହି ନୁହେଁ ।

ଅଡୁଆ କଥା

ଡକ୍ଟର କୃତ୍ତିବାସ ନାୟକ

ସଫଳ ପୁରୁଷ ପଛେ ପଛେ ଯଦି
ରହିଥାନ୍ତି ଜଣେ ନାରୀ,
ଜଣେ ପଚାରନ୍ତି ବିଫଳ ପୁରୁଷ
ଆଗେ ଥିବେ ନିଶ୍ଚେ ନାରୀ ?।୧।

ସମସ୍ତଙ୍କ ମାମୁ ଜହ୍ନମାମୁ ସିନା
କାହାର ନୁହନ୍ତି ଅଜା,
ବାଡ଼ିର କାକୁଡ଼ି ପରିବା ହେଲେ ବି
ହେଇପାରିବ କି ଭଜା ? ।୨।

ହସିଦେଲେ ଯଦି ମଲ୍ଲୀ ଫୁଲ ଫୁଟେ
କାନ୍ଦିଲେ କି ଫୁଲ ଫୁଟେ ?
କ୍ଷମା ମାଗିନେଲେ କାହାର କି ଯାଏ
ସହଜରେ କଳି ତୁଟେ। ।୩।

ଧନ୍ୟବାଦ ଦେଲେ ନେଲେ ସରେନାହିଁ
ଖୁସି କରିଦିଏ ମନ,
ବୟସ ବଢିଲେ ଆୟୁଷ କମୁଛି
ପାଳୁଛୁ ଜନମ ଦିନ । ।୪।

ବୁଢ଼ାବୁଢ଼ୀମାନେ ନିଜର ଚୁଟିକୁ
ରଂଗଦେଇ କଲେ କଳା,
କଳାଚୁଟି ଥିବା ଯୁବକ ଯୁବତୀ
କରୁଛନ୍ତି ତାକୁ ଧଳା। ।୫।

ଚିରାଫଟା ସିନା ପିନ୍ଧନ୍ତି ଗରିବ
ଦେହ ଲୁଚେଇବା ପାଇଁ,
ଧନୀପିଲା ନିଜ ଦେହ ଦେଖେଇବେ
ଚିରା ପିନ୍ଧିବାକୁ ବାଇ। ।୬।

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଆହେ ପ୍ରଭୁ ଜଗନ୍ନାଥ !

ଶ୍ରୀମତୀ ବୀଣାପାଣି ରାଏଗୁରୁ

ନୂତନ ବର୍ଷର ଅଭିନନ୍ଦନ

ମୋ ପ୍ରଭୁ ଜଗନ୍ନାଥ ..
ଆହେ ପ୍ରଭୁ ଜଗନ୍ନାଥ !
ସବୁ ବର୍ଷ ପରି ଏ ବର୍ଷ ଆସିଛି,
ଧୀରେ ଧରିନିଅ ତା'ର ହାତ,
ଏ ସାରା ସଂସାର ଆକାଶ ଭୂଧର
ବନ ଉପବନ କାନନ ସାଗର
ସବୁ ତ ତୁମର ସୃଷ୍ଟି
ତୁମେ ଯଦି ନାହଁ.. କିଛି ନାହିଁ ଏଠି
ତୁମରି ନିର୍ଦ୍ଦେଶେ ଚଳେ ଏହି ସୃଷ୍ଟି
ଜୀବନ କୁ ବାଣ୍ଟି ବାଣ୍ଟି
ହେ ଆର୍ତ୍ତ ତାରଣ ବିପଦ ବାରଣ !
ଦେଖାଅ ଆମକୁ ପଥ
ଆହେ ପ୍ରଭୁ ଜଗନ୍ନାଥ !!

ଗଲା ଯିଏ ଗଲା...
ଆଉ ଯେ ଆସିଲା..
ତୁମ ଶ୍ରୀ ଚରଣେ ଶରଣ ପଶିଲା
ଦିଅ ତାରେ ଦିବ୍ୟଦୃଷ୍ଟି
ଜଗତରୁ ପାପ କ୍ଷୟ କର ପ୍ରଭୁ ।
କର ଏ ସଂସାରେ ପୁଣ୍ୟର ସଂସ୍ଥାପ
ହେଉ ଆଶିଷ ର ବୃଷ୍ଟି
ଲିଭିଯାଉ ଅଧର୍ମ ପ୍ରଦୀପ
ବଞ୍ଚି ରହୁ ଚୀର ସତ୍ୟ ।
ଆହେ ପ୍ରଭୁ ଜଗନ୍ନାଥ !!

ହେ ବିଶ୍ୱବାନ୍ଧବ ପଦ୍ମାସନା ଦେବ
ତୁମେ ହିଁ ସମ୍ଭବ ସବୁ ଅସମ୍ଭବ ର
କ୍ଷମ ବାରେ କ୍ଷମାମୟ
ସବୁ ଖାଲି ମିଛ.. ତୁମେ ଏକା ସତ୍ୟ
ଚକାଡୋଳା ତୁମେ ଦେବତା ଅଦ୍ଭୁତ
କର ଜଗତକୁ ଥୟ
ତୁମରି ଆଶିଷ ଏ ନୂଆ ବରଷ
କରେ ପାଦେ ପ୍ରଣିପାତ
ଆହେ ପ୍ରଭୁ ଜଗନ୍ନାଥ !!

ତରିତୋ, କିଶୋର ନଗର, କଟକ,ଫୋନ-୯୪୩୮୦୫୪୯୫୫

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଆସୁଛି ନୂଆ ବରଷ..
..... ଜାଇଫୁଲ ଲୋ

ଧନେଶ୍ୱର ଦାଶ

ଆସୁଛି ନୂଆ ବରଷ
ସବୁରି ମନରେ ଦେଇ ହରଷ , ଜାଇଫୁଲ ଲୋ,
ନୂଆ କୁ ନୂଆ ପରଶ, ଜାଇଫୁଲ ଲୋ ॥

ବରଷ ବଦଳି ଯିବ
ନୂଆ ବରଷରେ ନୂଆ ଦରବ, ଜାଇଫୁଲ ଲୋ,
ହେବ ନୂଆ ଅନୁଭବ, ଜାଇଫୁଲ ଲୋ ॥

ବରଷ ବଦଳି ଯିବ
ମାସ ବାର କିଛି ବଦଳି ହେବ ? ଜାଇଫୁଲ ଲୋ,
ମଣିଷ ସେହି ରହିବ, ଜାଇଫୁଲ ଲୋ ॥

ଖଚ ମିଛ ଅପକର୍ମ
ବିଶ୍ୱାସରେ ବିଷ ନୋହିବ କମ୍, ଜାଇଫୁଲ ଲୋ,
ହେଉଛି ଯେତେ ଅଧର୍ମ, ଜାଇଫୁଲ ଲୋ ॥

ମନର ନିର୍ମଳ ଭାବ
ବର୍ଷ ବଦଳିଲେ କେବେ ନ ହେବ, ଜାଇଫୁଲ ଲୋ,
ଆଉ ଆବିଳ ହୋଇବ , ଜାଇଫୁଲ ଲୋ ॥

ଆସ ଶପଥ କରିବା
ନୂଆବରଷରୁ ବଦଳି ଯିବା, ଜାଇଫୁଲ ଲୋ,
ଅପକର୍ମ ନ କରିବା, ଜାଇଫୁଲ ଲୋ ।

ବିବେକ ବୁଦ୍ଧି ଖଟାଇ
ସୁକର୍ମରେ ମନ ଦେବା ଲଗାଇ, ଜାଇଫୁଲ ଲୋ,
ସମାଜ ସଂସ୍କାର ପାଇଁ, ଜାଇଫୁଲ ଲୋ ।

ଓଡିଶା

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ବଦଳିବାର ଅଛି

ରାଜଲକ୍ଷ୍ମୀ ତ୍ରିପାଠୀ

ତୁମର ସେ ବର୍ଣ୍ଣମୟ ବେଳାର
ସିନ୍ଦୁରା ଫାଟିଗଲା ପରେ
ବଦଳିବାର ଅଛି
କାନଭାସ୍ ର ଯେତେ ସବୁ
ବିବର୍ଣ୍ଣ ଦୃଶ୍ୟ ।

ଲିଭିବାର ଅଛି ବିଭୀଷିକା
ଅବା କାହା ଲୁଣ୍ଠନ ର ଇଚ୍ଛା,
ନିଷ୍ପ୍ରଭ ହେଉ ଉଜ୍ଜ୍ୱଳ ଅହଂକାର
ଫିକା ପଡୁ ମୋହ
ଅତୀତ କୁ ବାନ୍ଧି ରଖିବାର ।
ଜଳି ନଯାଉ ବନଭୂମି
ଖସି ନଆସୁ ଦୁଃଖ ରେ ଶିଳା-ଖଣ୍ଡ
ପାହାଡ ଦେହରୁ ।
ନଶୁଭୁ ନିରର୍ଥକ କୋଳାହଳ
ହତାଶ ର ସ୍ୱର ,
ଦଉଡି ନଯାଉ ଏଣେତେଣେ
ଭୟାର୍ତ୍ତ କଙ୍କାରୁ
ଫାଟି ନଯାଉ ବସୁଧା
କୋଏଲା ର ଆର୍ତ୍ତ ଚିତ୍କାର ରେ ,
ପୁଣି ଥରେ ହସୁ ସିଏ
ତା'ମଧୁର ସ୍ୱର ରେ ।

ବଦଳିବାର ଅଛି
ଏଇ ଆବଦ୍ଧ ମନକୁ।
ଦେଖିବାର ଅଛି ତାକୁ
ତୁମ ଅନୁପମ ନିର୍ମାଣ ର
ଅଭୟ ଦୃଶ୍ୟ ସବୁ
ଏ ସବୁଜ ଭୂଇଁ ରେ ।

ପୁରୀ

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନୂତନ ବର୍ଷର ଅଭିନନ୍ଦନ

ନୂଆ ବର୍ଷ ! ...

..ତୁମେ ଆସିବ ବୋଲି !

ବନ୍ଦିତା କର

ନୂଆବର୍ଷ ! ବନ୍ଧୁ ତୁମେ ଆସିବ ବୋଲି ...!
ସେମାନେ ଭିଜେଇ ଦେଲେଣି ଆଖିକୁ
ନୂଆ ନୂଆ ସ୍ୱପ୍ନ ସୁରଭିରେ.. ।
ଏବେ ବୋଧେ ସେଇ ସ୍ୱପ୍ନ ସବୁ
ଚିକିମିକି ତାରା ହୋଇ,ଆଶାସବୁ...
ଟିକିଟିକି ଫୁଲ ହୋଇ ଫୁଟିବେ
ଏ ବର୍ଷର ପହିଲି ପଉଷ ସଂଧ୍ୟା ରେ !!
ହେଲେ ନବବନ୍ଧୁ ! ଆଜି ମୋ ଆଖି-ଭର୍ତ୍ତି ଲୁହ ;
ଛାତି ତଳେ ଗତବର୍ଷ ସ୍ୱପ୍ନତକ ତୁଟିବାର କୋହ ।
ସତରେ ଯଦି ଏମିତି ହୁଅନ୍ତା ;
ସ୍ୱପ୍ନ ବି ନ ଥାନ୍ତା କି ଆଶା ବି ନ ଥାନ୍ତା
ଜିତିବା ନ ଥାନ୍ତା କି ହାରିବା ନ ଥାନ୍ତା ।
ଖାଲି ଥାଆନ୍ତା.....
ମେହେନତି ମଣିଷର ,କର୍ମପଥେ ଆଜୀବନ ଗତି
ଇଚ୍ଛାହୀନ ଆଶାହୀନ ମନନେଇ ଚାଲିବାର ଏକଇ ନିୟତି !

ନବବନ୍ଧୁ ! ତୁମେ ଆସିବ ବୋଲି..
ମନ ଆଇନାକୁ ପୋଛିପାଛି ନିର୍ମଳ କଲିଣି ;
ନିତି ଦେଖିବି କେମିତି ଦିଶୁଛି ମୋ ହୃଦୟ ସେଥିରେ ;
ଅହଂଶୁମ୍ବୀ ଅଟ୍ଟାଳିକା.....
ଏଇ ମାତ୍ର ଗତବର୍ଷ ଭାଙ୍ଗିଗଲା ପରେ....!!!!

ନବରଂଗପୁର ,ଓଡିଶା

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନବବର୍ଷ

ପଦ୍ମିନୀ ମହାପାତ୍ର

ନୂତନ ବର୍ଷର ଅଭିନନ୍ଦନ

ବଦଳିନାହିଁ ତ ସୂର୍ଯ୍ୟ , ବଦଳିନାହିଁ ପୃଥିବୀ
ବଦଳିନି ପକ୍ଷୀର ସ୍ୱର
ସବୁ ଯେମିତି ଥିଲା,ଠିକ ସେମିତି
ତେବେ ବି ନବବର୍ଷ ଆଗମନେ କାହିଁ
ଏତେ ଆନନ୍ଦ ଉଲ୍ଲାସ...

ଯୁବ ପୀଢି ଠୁ ବୟସ୍କ, ଗାଁ ଗଣ୍ଡା ଠୁ ସହର
ସବୁଠି ଗହଳି
ନିଶାର୍ଦ୍ଧରେ ବାଣ ସହିତ ହୁଳହୁଳି
ସବୁଠି ପଡୁଥିଲା ଚହଳି....

ଭାବୁଥିଲି , ନିଶ୍ଚୟ କିଛି ବଦଳିଯାଇଥିବ
ରବି ଆହୁରି ଗାଢ ରୁ ଗାଢତର ହୋଇ
ଦପଦପ୍ କରୁଥିବେ
ଅନ୍ୟାୟ ଅତ୍ୟାଚାର ଦୁଷ୍କର୍ମରେ ଲିପ୍ତ ଭାବନାକୁ
ନାଶ କରିଛି ବୋଲି କିରିକିରି ହସୁଥିବେ....

ବଦଳି ଯାଇଥିବ ଚିରା ପଲିଥିନର ଘର
ବାହୁଡି ଆସିଥିବେ ଜରାଶ୍ରମରୁ ମା' ବାପା ଘରକୁ
ସେଦିନ ରାତିରେ ନବବର୍ଷ ପାଇଁ
ସ୍ୱପ୍ନ ଦେଖୁଥିବା ପୀଡିତାର ବାଞ୍ଛିତ ଆଶା
କାମନାର ଜୁଇରେ ପୂରଣ ହେଉଥିବ କି ?
ବ୍ୟାକୁଳତା ନେଇ ନ୍ୟାୟ ମାଗୁଥିବା ଅପଦସ୍ତା ନାରୀ
ପ୍ରଶାସନ ଆଗରେ ନ୍ୟାୟ ଛିନ୍ନ ହେଉ ନ ଥିବ କି ?

କାମନାର କଳୁଷେ କବଳିତ ସେ ରାକ୍ଷସ
ଅନୁତାପର ଜ୍ୱାଳାରେ ବୁଡ ପକାଉଥିବ କି ?
ସମାଜର ନିରୀହ ମାନବଠୁ ମେଞ୍ଚାଏ ଟଙ୍କା ଲୁଟିଥିବା
ଦାମିକା ମଣିଷ ରେଶମୀ ରେଜେଇ ତଳେ
ଫୁଟପାତରେ ପଡିଥିବା ଫୁଙ୍ଗୁଳା ଦେହର ଦାମୀ ମଣିଷଠୁ
ସବୁ ଲୁଟକରି ନେଇଛି ବୋଲି ଆଗାମୀ କାଲି ପାଇଁ
ସୁସ୍ଥ ଚେତନାର ସ୍ୱପ୍ନଟିଏ ଦେଖୁଥିବ କି ?

ନା କିଛି ବଦଳିନି ଯେମିତି କି ସେମିତି
ତଥାପି ସମ୍ଭାବନାମୟ ଭବିଷ୍ୟତର ସୁରୁଜ ଦେଖି
ସ୍ୱାଗତ କରୁଛୁ ନବବର୍ଷକୁ

ଜୀବନ ଓ ଯନ୍ତ୍ରଣାର ସଂଘର୍ଷରେ କ୍ଷତାକ୍ତ ହୃଦୟ ପାଇଁ
ବଦଳେନି.. ନବବର୍ଷ ,
ତାର ଭାବନାର ମାଟି,ପାଣି,ପବନରେ ପର୍ଯ୍ୟାପ୍ତ
ପରିମାଣରେ... ସ୍ୱାଗତ କରୁଥାଏ
ଜୀବନକୁ ଜୀବନ୍ତଭାବେ ଉପଭୋଗ କରି
ନିଇତି ସ୍ମୃତିକୁ ସଞ୍ଚୋଳି
ଲୁହରେ ଲୁଚାଏ
କିନ୍ତୁ ସ୍ୱାଗତ କରେ ହସି ହସି....

ବଦଳିବ ଯଦି କୁତ୍ସିତ ମାନସିକତାର ଚିନ୍ତାଧାରା
ଜାଗ୍ରତ ହେବ ଯଦି ପ୍ରେମ ଆତ୍ମବିଶ୍ୱାସର ଭାଇଚାରା
ସୃଷ୍ଟି ହେବ ଯଦି ମାନବପଣେ -
ସୃଜନଶୀଳ ସକ୍ରିୟ ଭାବଧାରା
ତା'ହେଲେ ଅକ୍ଷତ ରହିବ ଧରଣୀ ବକ୍ଷେ
ସ୍ୱାଗତ କରୁଥିବା ଆମେ ନବବର୍ଷ ସ୍ମୃତି ରେଖା ।

ଦେବଗଡ,ଗୁରୁସାହି

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ଦେଖା ହେଲା ପରେ

ରଶ୍ମୀତା ଦୀକ୍ଷିତ

ନୂତନ ବର୍ଷର ଅଭିନନ୍ଦନ

ଅନେକ ଦିନୁ ତୁମ ସହ
ଦେଖା ସାକ୍ଷାତ ନାହିଁ
ନିର୍ଦ୍ଦିଷ୍ଟ ବ୍ୟବଧାନ ରେ
ଭେଟିବି ବୋଲି ଭାବୁ ଭାବୁ
ବର୍ଷଟିଏ ବିତିଗଲା
ତୁମ ବାଟ ଚାହିଁ ।

ତମେ ଆସିଲ ;
ମୁଁ ତମକୁ ଚାହିଁଲି
ସବୁ କିଛି ବୁଝିଗଲା ପରି
ଅଭିଯୋଗ ର ଶବ୍ଦ ସବୁ
ହଜିଗଲେ
ଲଗାଲଗି ହୋଇ
ଛପିଗଲେ
ସ୍ମୃତିର ଫର୍ଦ୍ଦ ରେ ,
ତୁମ ଭିତରେ ମଧ୍ୟ
ଅୟୁତ ଅୟୁତ ଆଶା , ଆକାଂକ୍ଷା
ଲହଡି ଭାଙ୍ଗୁଥିଲା ମୃଦୁ ଗର୍ଜନ ରେ
ଯାହାକୁ ମୁଁ ଅନୁଭବ କରୁଥିଲି
କିଛି ଦ୍ୱନ୍ଦ, ଆଶା , ଆକାଂକ୍ଷା ଓ ଦ୍ୱିଧା ରେ ।

ସ୍ୱାଗତ ଜଣାଇବା ପାଇଁ
ମୁଁ ଜାଳିଦେଲି ବିଶ୍ୱାସର ଦୀପ ଟିଏ
ସଦିଚ୍ଛା ର ସଳିତା ରେ ,
ତୁମେ ଆଣିଥିବା ସ୍ନେହ-ଶ୍ରଦ୍ଧା
ପ୍ରୀତି ଉପହାର ସବୁ
ସଯତ୍ନରେ ସାଇତି ରଖିଲି
ବାଣ୍ଟିବାକୁ ସମ ଭାଗେ
ଶତ୍ରୁ ମିତ୍ର ନିର୍ବିଶେଷରେ
" ସର୍ବେ ଭବନ୍ତୁ ସୁଖିନଃ " ର
ଉଚ୍ଚାରଣ ରେ ।

ପରମ ଆସ୍ଥା ର ସୂର୍ଯ୍ୟ ଟିଏ
ଉଦିତ କରି ତୁମେ ଆସିଛ
ସବୁ କାଳିମାର ଅବସାନ ହେଉ
ଏଇ କାମନା ନେଇ ,
ସାକ୍ଷାତ ର ଏଇ ନିବିଡ଼ ସନ୍ନିକ୍ଷଣ ରେ
ବାଜି ଉଠୁଛି ମାଙ୍ଗଳିକ ଶଙ୍ଖଧ୍ୱନୀ
ଚତୁର୍ଦ୍ଦିଗ ନିନାଦିତ କରି
ନବବର୍ଷ... ତୁମ ଆଗମନ
ହେଉ ମଙ୍ଗଳମୟ
ଏତିକି ପ୍ରାର୍ଥନା
ତୁମ ମୋ ସାକ୍ଷାତ ର
ଶୁଭକ୍ଷଣ ପାଇଁ ।।

ଶିକ୍ଷୟିତ୍ରୀ ,୪୨ ମୌଜା କଟକ

ଉତ୍ସର୍ଗାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

ନବବର୍ଷ ର ଆମ୍ ନିବେଦନ

ଆହେ ଚକାଆଖି, ନିରାଶ ନ କର

ଶ୍ରୀ ମୁରାରୀ ପ୍ରସାଦ୍ ପଶାଏତ୍,(ଆଚାର୍ଯ୍ୟ)

||ଆ ||=ଆହେ ଚକାନୟନ, ଆମ୍ଗୁହାରି ଘେନ
ଆନନ୍ଦେ ନୂଆଁବର୍ଷ ଠିଆ ।।
ଆଶୀଷ କର ଦାନ, ଆଶ୍ୱସ୍ତ ହେଉ ପ୍ରାଣ
ଆମ୍ବିଶ୍ୱାସ ରଖୁ ହିଆ ।।ଆ।।

|| ହେ || ହେ ପତିତ ପାବନ, ହେ ଭକ୍ତ ପ୍ରାଣଧନ
ହେ ନାଥ ଅନାଥ ନାଥ ହେ ।
ହେତୁ ରଖିବ ପ୍ରଭୁ, ହେଲା ନ କରି ଆଉ
ହେଉ ହେଉ ରେ ଠକନି ହେ || ହେ ||

|| ଚ || ଚକିତ ଚିତ୍ତ ମୋର, ଚଳ ଚଞ୍ଚଳ ଘୋର
ଚରଣେ ବର୍ଷକର ନାଚ ।
ଚରାଚରେ ସଂଚରି, ଚମକେ ଅପସରି
ଚଞ୍ଚଳା ସମ ଭବମଂଚ। || ଚ ||

|| କା || କାଳଜୟୀ ଆପଣ , କଳଜୟୀ କରି
କାଳ କାଳକୁ ରଖ ଏକା ।
କାକୁସ୍ତ ତର ହୋଇ , କାୟମନେ ଚିନ୍ତଇ
କାହାକୁ ଦେବି ନାହିଁ ଧୋକା || କା ||

|| ଆ || ଆଶା ଭରସା ସାଥେ, ଆବୋରି ହୃଦାକାଶେ
ଆପଦେ ପ୍ରତି-ପାଦେ ଠିଆ।
ଆଶ୍ୱାସି ସ୍ନେହାଦରେ, ଆଉଁସି ଦେବିକରେ
ଆଦରେ ଯେସନକ ମାଆ || ଆ ||

|| ଖି || ଖିଆଲେ ବି ଆପଣ ଖିଲାପ ନ କରିଣ
ଖିନ୍ନ ମନେ ପ୍ରସନ୍ନ ରଖି।
ଖିରି ଖିରିସା ଭାବ ଖିଲି ପାନେ ଥୋଇବ
ଖିଙ୍ଗାରି ବନି ଚକାଆଖି || ଖି ||

|| ନି || ନିର୍ଦ୍ଦୟ ନ ହୋଇବ, ନିରାଶ ନ କରିବ,
ନିନ୍ଦା ଅପବାଦ ଦେବନି ।
ନିମିତ୍ତ ମାତ୍ର ମୁଁ ଯେ, ନିରେଖ ଜଗନ୍ନାଥେ
ନିଶ୍ୱାସ ପ୍ରଶ୍ୱାସ ମୋ ବେନି || ନି ||

|| ରା || ରାଗ ରୋଷ ତେଜିକି, ରାଷ୍ଟ୍ରପ୍ରେମେ ମଜ୍ଜିକି,
ରାମରାଜ୍ୟ ଆଣି ଏ ଧରା ।
ରାଜା ପରଜା ହିତେ, ରାସ୍ତା ଦେଖାଅ ମତେ
ରାହୁ-କାମାନ୍ଧେ ହୁନ୍ତୁ ମରା || ରା ||

|| ଶ || ଶରଣାଗତ ମୁହିଁ, ଶରଣ ରଖ ସାଇଁ
ଶଙ୍ଖ ଚକ୍ର ଗଦା ପ୍ରକାଶ ।
ଶରୀରେ ଆତ୍ମା ତୁହିଁ, ଶଙ୍କା କରିବି କାହିଁ
ଶମ ସନ୍ଧାନେ ଜଗଦିଶ || ଶ ||

|| ନ || ନଶ୍ୱର ଏ ସଂସାର, ନ ପୂରେ ଆଶା କା'ର
ନ ଜାଣି ଖୋଜେ ଏ ନୟନ ।
ନବଧା ଭକ୍ତି ଘେନି, ନବ ପୁଲକ ଆଣି
ନମସ୍ୟ ହେଉ ଅପଘନ || ନ ||

|| କ || କରେ କର ଯୋଡିକି, କରେଁ ଶ୍ରୀପଦେ ଅଳି
କଳି କଳୁଷର ରକ୍ଷକ,
କଳ୍ପବଟର ମୂଳେ କରିଛି ସଂକଳ୍ପ ଯେ,
କପଟେ ନ ହର ବିବେକ || କ ||

|| ର || ରଖିବ ସୁସଂସ୍କାରେ ରସାର ସାର ନରେ
ରକ୍ତସମ୍ପର୍କେ ନିରନ୍ତର,
ରଖି ତୋ ପାଦେ ଭାବ, ରସନା ରଟୁଥିବ
ରସ ନାଗର ବଂଶୀଧର || ର ||

|| ବଢେଇମୁଣ୍ଡା, ଝାରସୁଗୁଡା ||

ଉଷେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦

॥ ନୂଆବର୍ଷ : ଏକ ସମୀକ୍ଷା ॥

ସୁଧାଂଶୁ ଶେଖର ଦ୍ୱିବେଦୀ

ମାଘର ବୃକ୍ଷରେ କୁଆଁ ବାହାରେ
ଜାନୁଆରୀର ବୃନ୍ତ ।
ଅସରନ୍ତି ଆକାଂକ୍ଷାର କଳ୍ପନାରେ
ଝୁମିଯିବାକୁ ଆତୁର ହୁଏ ଫେବୃଆରୀ ।
ରାତି ପାହିବା ବେଳକୁ
ଯଥାଶୀଘ୍ର ମାଡ଼ିଆସେ ମାର୍ଚ୍ଚ
ଫାଲ୍ଗୁନର ବାସନ୍ତୀ ରାଗରେ
ମଳୟର ଗୀତ ଗାଇବାକୁ ।
ବିତି ଯାଇଥିବା ବର୍ଷ
ବୁଣା ହୋଇଥିବା ଆଶା
ଅପସରି ଯାଏ ଚୈତ୍ରରେ।
ହଜେଇବା ଓ ପାଇବାର
ହିସାବ କରୁକରୁ
କପାଳରୁ ଖସି ପଡ଼େ
ବୈଶାଖର ସ୍ୱେଦ-ବିନ୍ଦୁ।
ଜୁନ ଆସେ ଜ୍ୟେଷ୍ଠର ଅନ୍ତରାଳେ
ଲୁଚି-ଛପି ଧିରେ ଧିରେ ।
ଆଷାଢ଼ର ପ୍ରତିକ୍ରିୟା
ଜୁଲାଇକୁ କରେ ବିରାମ-ଆରାମ।
ଶ୍ରାବଣ ତ କେବେ ରୁକେନାହିଁ
ଟପର-ଟପର, ଅହରହ-ଅବିରାମ ।
ଭାଦ୍ରବର ନାଟକୀୟ ରୂପ
କେବେ ଖରା କେବେ ଛାଇ
ପୁଣି କେବେ...
ଝରଝର ପ୍ରବାହର ଅଭିନୟ।
ଅକ୍ଟୋବରର ଶରତ ପବନ
ଝରକା ଡେଇଁ
ବହିଆସେ ହୃଦ କନ୍ଦରକୁ ।
କାର୍ତ୍ତିକର କଜଳ ଆଖି
ଲାଲ ଗୋଲାପର ରଙ୍ଗରେ ମୋହେ ।
ନଭେମ୍ବର କହେ ଡିସେମ୍ବର
କାନ ପାଖେ "ଏ ଶୁଣ, ସେ ଆସୁଛି,
ପିନ୍ଧି-ଘୋଡ଼ି ହୋଇ ପୌଷର ବସ୍ତ୍ର ।"

(ମୋ)-୯୬୮୧୩୭୩୫୧୨

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ

ହେ ନବବର୍ଷ !

ମନୋରମା ମିଶ୍ର

ବ୍ୟାପ୍ତ ବିଭୋର ଶୁଭ୍ର ସକାଳ ତବ ଆଗମନେ ଆଜି
ବିତରି ଦେଲାଣି ବିବଶ ଧରାରେ ଦୁର୍ବାର ଆଶା ରାଜି ॥

ସୁଖ ସମୃଦ୍ଧି ସମ୍ଭାବନାର ମଧୁ ମୂର୍ଚ୍ଛନା ତୋଳି
ଆଗାମୀ ଦେହରେ ନବଜୀବନର ରଙ୍ଗ ଦେଲାଣି ବୋଳି ॥

ବର୍ତ୍ତମାନରେ ନିଜକୁ ହଜେଇ କିଏ ସେ ସମୟ ସାରେ
କିଏ ଅତୀତର ସ୍ମୃତି ଆପଣେଇ ଅହେତୁକ ଝୁରିମରେ ॥

ଉଲ୍ଲସିତ କେ ବନ୍ଧୁ ମେଳରେ ଭୋଜିଭାତେ ମଜିଯାଇ
କିଏ ବର୍ବର ମଦ-ମାଂସ ନାରୀ ଖୋଜେ ଆଜି ନିଜ ପାଇଁ ॥

ଶୂନ୍ୟ ଚାହାଁଣୀ ମେଲିଦେଇ ଖାଲି ଭାଗ୍ୟ ଆଦରି ନେଇ
ସର୍ବହରା କେ ଅଲୋଡା ତଥାପି ବଞ୍ଚିଛି ଲୁହ ପିଇ ॥

ଶ୍ରମଜୀବି ଶିଶୁ କିଶୋର ଆଜି ବି ହୁଏ କେତେ ହତାଦର
ଆପଣା ପଣର ବାସ୍ନାରେ ଭରୁ ନିତ୍ୟ ଜୀବନ ତା'ର ॥

ଲୁଣ୍ଠିତ ଅବା ପୀଡିତ ହୃଦୟ ଦୁଃଖ ହୁଏନା ମାପି
ଆଗାମୀ କାଲିର ଅନ୍ଧାରେ ତା'ର ଆଲୋକ ଦିଅ ହେ ! ମାଖି ॥

ନିରପରାଧ ସେ ଧର୍ଷିତା ବୁକେ ଭରିଦିଅ ଦୁଃସାହସ
ହୀନମନ୍ୟତା ଘୁଞ୍ଚି ଫୁଟୁ ତା' ନୟନେ ତୀକ୍ଷ୍ନ ହସ ॥

ଧର୍ଷଣକାରୀ ଉଦ୍ଦାମତ୍ତା ରେ ପକାଇଦିଅ ହେ ଭଙ୍ଗା
ଉଚ୍ଛୃଙ୍ଖଳ ତା' ହୃଦୟରେ ପଡୁ ଅନୁଶୋଚନାର ଛିଟା ॥

ଅହଙ୍କାର ଶୂନ୍ୟ ପରାଣେ ଫୁଟାଅ ଶାନ୍ତି ସୁମନ ଯେତେ
ଜୀବନର ପଥ ସୁଗମ ହେଉ ତା' ଶ୍ରଦ୍ଧା ଅରନ୍ତୁ କେତେ ॥

ଦୟା ତିତିକ୍ଷାର ଦିଶା ଦର୍ଶାଇ ଦୁର୍ଲଭ ସୁଖ ଆଣ
ପିୟୁଷ ପରଶି ପରିତ୍ରାଣ କର ପାପ ଭରା ଯେତେ ପ୍ରାଣ ॥

ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦



ନୂତନ ବର୍ଷର
ଅଭିନନ୍ଦନ

ହେ ନବବର୍ଷ !...
....ତୁମେ ଏଇମିତି ଆସୁଥାଅ

ସବିତା ଶତପଥି

ହେ ନବବର୍ଷ !
ମୁଁ ଜାଣେ ତୁମେ ପରା ଆସୁଥାଅ
ଶୀତର ପାହାନ୍ତି କାକରରେ
ସୂର୍ଯ୍ୟର ପହିଲି କିରଣରେ ,
ହାଟପଦା ଛେଦ ବରଗଛ ମୂଳରେ
ଧାଙ୍ଗଡା-ଧାଙ୍ଗଡି ଓ ଡକ୍ରା-ଡକ୍ରୀଙ୍କର
ନିଆଁପୁଆଁ ଧୂଆଁରେ... , ..ତ ପୁଣି ..
ଦିଲ୍ଲୀର ଘନ ଘଞ୍ଚ ପ୍ରସ୍ତ ପ୍ରସ୍ତ
ଦୁର୍ଭେଦ୍ୟ ପରିବ୍ୟାପ୍ତ କୁହୁଡିରେ ।

ହେ ନବବର୍ଷ !
କିଏ ଲୋଡୁ ବା ନ ଲୋଡୁ
ତୁମେ ପରା ଆସୁଥାଅ
କ୍ୟାଲେଣ୍ଡର ପୃଷ୍ଠା ଓଲଟାଇଲେ
ତିଥି ବାର ନକ୍ଷତ୍ର ଗଣିଲେ ।
ଉତ୍ସବ କିଏ ପାଳୁ ଅବା ନ ପାଳୁ
ତୁମେ ପରା ଆସୁଥାଅ
ରୋଷଣୀ ଜାଳିଲେ
ଆତସବାଜି ଓ ରଙ୍ଗୋଲି ଖେଳିଲେ
ବଡ଼ଦେଉଳ ରେ ବଡ ଦିଅଁଙ୍କ
ପହଡ ଭାଙ୍ଗିଲେ... ।
ତୁମେ ପୁଣି ଆସୁଥାଅ
ଅଜଣା ରେଳ ଷ୍ଟେସନରେ
ବାଟ ହୁଡା ଦାଦନର ଅବଶ ଦେହରେ
ତା' ନିରାଶଭରା ଏକଲା ଚାହାଁଣୀରେ.. ।

ହେ ନବବର୍ଷ !
ତୁମେ ପରା ଆସୁଥାଅ
ଦୁଃଖ ଓ ଭୋକର ଅଲକ୍ଷରେ...
ସେମାନଙ୍କର ଅନ୍ୟ-ମନସ୍କତାରେ ,
ଚାଷୀ ଓ ଶ୍ରମିକଙ୍କ ଘର୍ମାକ୍ତ ନିଦ୍ରାରେ ..
ପୁଣି ଆସୁଥାଅ ...
ନେତା-ମନ୍ତ୍ରୀଙ୍କର ଆଡମ୍ବରପୂର୍ଣ୍ଣ ଅଭିଭାଷଣରେ
ଅଭିନେତା ଓ ଅଭିନେତ୍ରୀଙ୍କର ଅବା -
କ୍ରିକେଟ ତାରକାଙ୍କ ଶୁଭେଚ୍ଛା ବାର୍ତ୍ତାରେ ।

ତେବେ , ଆସିଯାଅ
ଏଇ ଶୀତୁଆ ବର୍ଷାନ୍ତରେ...
ସାଥେ ଆଣି
ଅନେକ ଆଶା ଆକାଂକ୍ଷା ଓ
ଅଜସ୍ର ସମ୍ଭାବନା ...
ଭାସି ଭାସି ସମୟର ସ୍ରୋତରେ
ପରମ୍ପରାର ବୋଇତରେ ...
ମଧୁକ୍ଷରା ହେଉ ଧରା
" ସର୍ବେ ଭବନ୍ତୁ ସୁଖିନଃ" ମନ୍ତ୍ରରେ ।

॥ କୁନ୍ଦୁରା ,କୋରାପୁଟ ॥

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ
ବିଶେଷାଙ୍କ

ନୂଆ ବର୍ଷ

କଣ୍ଟୁରୀ ଚରଣ ରାଉତ

ଦୁଃଖର ଶର୍ବରୀ
ଯିବ ଅପସରି
ଆସିଛି ନୂଆ ବରଷ
ଭରିଦେବ ତୁମେ
ସଭିଙ୍କ ମନରେ ସେନେହ,ଶାନ୍ତି,ହରଷ ।

ତୋଳିଦେବ ତୁମେ
ଭାଙ୍ଗି ଯାଇଥିବା
ସପନର ବାଲିଘର
କୁଳୁକୁଳୁ ସୁରେ
ହସିଉଠୁ ପୁଣି ସଂପର୍କର ମଧୁ ଝର ।

ଅସରା ଅସରା
ଭଲ ପାଇବାର
ବରଷାର ବାରି ଢାଳି
ନିର୍ବାପିତ କର
ହୃଦୟ ଅନଳ - ରାଗ,ରୋଷ,ଈର୍ଷା,ଗାଳି ।

ବୁହାଇ ଦିଅ ହେ
ପ୍ରେମ ନଈଧାର
ଧରଣୀର ବୁକୁ ପରେ
ଘୃଣାର ଶବଦ
ହେଉ ନିଶବଦ ପ୍ରତି ସୁଖୀ ପରିବାରେ ।

ଶୁଖିଲା ଓଠରେ
ଫୁଟାଇ ଦିଅ ହେ
ମଲ୍ଲୀ ଫୁଲ ପରି ହସ
ମଧୁର ବଚନେ
ଶତ୍ରୁର ହୃଦୟ କରିଦିଅନ୍ତୁ, ସେ ବଶ ।

ସତ୍ୟବାଦୀ ହାଇସ୍କୁଲ୍,ଧଣ୍ଡାମାଳ
ଦେଓଗାଁ,ବଲାଙ୍ଗିର.ମୋ.୮୯୧୭୩୯୭୩୪୮

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ବିଶେଷାଙ୍କ
ସୃଜନୀ ପରିବାର,ଚେନ୍ନାଇ

ମୁଁ ଋତୁ.. ତୁମେ ଅନୁକୂଳ ସମୀର / ମୁଁ ସ୍ମୃତି.. ତୁମେ ତା'ର ମଧୁର ପୁଲକ / ମୁଁ ରାତି.. ତୁମେ ତା'ର ରୁଚିର ଜୋଛନା ..
ମୁଁ ଫୁଲ.. ତୁମେ ତା'ର ବିମଳ ବାସନା / ଆମେ ଠିକ୍ ଏମିତି ଥିବା ନିଃସର୍ତ୍ତ ଶ୍ୱାସରେ ତୋଳି , ପ୍ରେମର ମୂର୍ଚ୍ଛନା .....
ଯେତେ ଦିନ ଥିବ ସୃଷ୍ଟି ଥିବେ ଚନ୍ଦ୍ର ,ସୂର୍ଯ୍ୟ ଆଉ ପ୍ରେମର ବନ୍ଦନା । - (**ସଂଯୋଜନା- ରମେଶ ଚନ୍ଦ୍ର ପସାଏତ୍**)

ନୂତନ ବର୍ଷର ଅଭିନନ୍ଦନ

ନବବର୍ଷର ସବୁଜ ସ୍ମୃତିରେ କବି ଯୁଗଳବନ୍ଦୀ ଶ୍ରୀ ଲଳିତ ମୋହନ ମିଶ୍ର ଓ ପ୍ରଣତି ଆଚାର୍ଯ୍ୟ ମିଶ୍ର ଙ୍କ ଦୁଇଟି କବିତା :

।। ନୂଆ ନୂଆ ଲାଗେ ।।

ପ୍ରଣତି ଆଚାର୍ଯ୍ୟ

ନବ ବଧୂ ସାଜି ଆସିଥିଲି ମୁହିଁ ମଧୁର ନବ ବରଷେ
ନବୀନ କଳ୍ପନା ନବ ଉଦ୍ଦୀପନା ପୂରିତ ମନ ହରଷେ ।।

ଲାଜ ଲାଗୁଥାଏ ଭୟ ଲାଗୁଥାଏ କମ୍ପୁଥାଏ ମୋର ଛାତି
ଚିହ୍ନି ତ ନଥିଲି ଦେଖି ତ ନଥିଲି ବଢି ବଢି ଯାଏ ରାତି ।।

ବାତାୟନ ଫାଙ୍କୁ ଦେଖୁଥିଲ ତୁମେ ଦେଖୁଥିଲି ମୁଁ ତୁମକୁ
ପ୍ରତି ମୁହୁର୍ତ୍ତରେ ଭାବୁଥାଏ ବସି କଳ୍ପନା କଳ୍ପିତ ପ୍ରିୟକୁ ।।

ପରାଣ ପ୍ରିୟକୁ ଦେଖିବା ପାଇଁ କି ପ୍ରତୀକ୍ଷା ମୋ ରଜନୀକୁ
ଆସୁଥାଏ ରାତି ଥରୁଥାଏ ଛାତି କିପରି ଭେଟିବି ତାଙ୍କୁ ।।

ପବିତ୍ର ସମ୍ପର୍କେ ବାନ୍ଧି ହେଲେ ଦୁହେଁ ସାକ୍ଷୀ ଆମ ନୂଆଁ ରାତି
ନୂତନ ବର୍ଷର ପ୍ରଥମ ଛୁଆଁରେ ପୁଲକିତ ହୁଏ ଛାତି ।।

ପ୍ରତି ନବବର୍ଷ ନୂଆନୂଆ ଲାଗେ ମନେ ପଡେ ସେହି ସ୍ମୃତି
ଉଜ୍ଜୀବିତ ହୁଏ ପ୍ରେମ ପ୍ରଣୟ ସେ ପ୍ରୀତିଭରା ଅନୁଭୂତି ।।

କଥା ଦିଅ ସଦା ସାଇତି ରଖିବ ତୁମ ପ୍ରୀତି ସିନ୍ଦୁକରେ
ପୁରୁଣା ନ ହେଉ ଏ ପ୍ରେମ ଆମର ଚୁମ୍ବନ ଦେଇ ମଥାରେ ।।

ଆସ ନବବର୍ଷେ ଯିବା ସାଥି ହୋଇ ସପନ ରାଇଜ ବୁଲି
ଯେଉଁଠି ନ ଥିବେ ଅନ୍ୟ ଲୋକ କେହି ବାସ୍ତବତା ଯିବା ଭୁଲି ।।

ବୁଲୁଥିବା ଆମେ ପାଖାପାଖି ହୋଇ ସାଥେ ଥିବ ଆମ ଜହ୍ନ
ସମ୍ପର୍କ ଆମର ନିବିଡ ହୋଇବ ଦେଖିବା ସୁନୀଳ ସ୍ୱପ୍ନ .. ।।

©ନୟାଗଡ, ଓଡିଶା /ମୋ ଫୋନ: ୯୪୩୭୬୪୨୯୪୭

।। ପ୍ରେମର ଫଲ୍‌ଗୁ ।।

ଲଳିତ ମୋହନ ମିଶ୍ର

ନବ ବରଷରେ ନବ ବଧୂ ସାଜି ଆସିଥିଲ ମୋର ଘର
ଅଳିକ ଏ ମୋର ଜୀବନ ପୃଷ୍ଠାରେ ତୁମେ ଶ୍ରେଷ୍ଠ ଉପହାର ।।

ନୂତନ ବର୍ଷର ପ୍ରଥମ ପାହାଚେ ତୁମର ପାଉଁଜି ବାଜେ
ରୁଣୁଝୁଣୁ ହୋଇ ଖିଆଲି ମନକୁ ତୁମ ମନ ସାଥେ ଖଞ୍ଜେ ।।

ତବ କଳ୍ପନାର କଳ୍ପିତ ପୁରୁଷ ମନର ମଣିଷ ସାଜି
ପକ୍ଷୀରାଜ ଘୋଡା ଚଢି ତୁମ ପାଖେ ପହଞ୍ଚି ଯାଇଛି ଆଜି ।।

ସବୁ ପ୍ରତୀକ୍ଷାର ଅନ୍ତ ଘଟାଇଛି ଆସି ନୂତନ ବରଷ
ଲାଜ ଡର ଛାଡି ଆସ ପ୍ରିୟା ମୋର ମନକୁ କରି ହରଷ ।।

ପବିତ୍ର ଏ ଆମ ଅକ୍ଷତ ସମ୍ପର୍କ ରହୁ ସଦା ଉଜ୍ଜୀବିତ
ସ୍ନେହ-ପ୍ରେମ ଆଉ ପ୍ରଣୟ ପୁଲକେ ହେଉ ସଦା ହରଷିତ ।।

ନୂଆ ନୂଆ ସ୍ମୃତି ନୂଆ ଅନୁଭୂତି ଫୁଲର ପାଖୁଡା ମେଳି
ଖିଲି ଖିଲି ହସି ଆଗକୁ ଆଗକୁ ଆମେ ଯିବା ସଖି ଚାଲି ।।

ରୋମାଞ୍ଚିତ ହେବ ସେ ପ୍ରେମର ଫଲ୍‌ଗୁ ହିମପାତ ପରି ଝଡୁ
ପୁରୁଣା ବର୍ଷର ତିକ୍ତ ଅନୁଭୂତି ସବୁଦିନ ପାଇଁ ଛିଡୁ ।।

ପ୍ରତି ଟି ପରଶ ନୂଆ ନୂଆ ଲାଗୁ ..ନୂଆ ତୁମେ ଚିରନ୍ତନ
ରୋମେ ରୋମେ ତୁମେ ଭରିଦିଅ ସଦା ନୂଆ ନୂଆ ସମ୍ମୋହନ.

© ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି / ମୋ ଫୋନ:୯୪୩୭୯୮୫୮୬୬

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୨୦
ସୃଜନୀ ପରିବାର,ଚେନ୍ନାଇ
ବିଶେଷାଙ୍କ

ଶେଷ କବିତା :

ନୂଆବର୍ଷ

ବିଦ୍ୟାଧର ଦେହୁରୀ

ନୂତନ ବର୍ଷର ଅଭିନନ୍ଦନ

ତମ ଆସିବାର ଥିଲା ବୋଲି
ଖୁବ୍ ଆଗୁଁ ,ଜହ୍ନକୁ ବୋଇତ କରି
ଭସାଗଲା ରକତର ସମୁଦ୍ର ରେ..
ସବୁ ନିର୍ବିକାର ପାହାଡ଼ର ଆସକ୍ତ ଓଠରେ
ଲଗେଇ ଦିଆଗଲା ନିଆଁ..

ସବୁ ଋତୁଙ୍କୁ ବଣ୍ଧା ହେଲା
ତମ ସୀମିତ ବୟସ ,ଆୟୁଷ ,ତମ ନାଁ

ସବୁ ମନ୍ଦିର , ମସଜିଦ୍ ,ଗୀର୍ଜାରେ
ଝୁଲେଇ ଦିଆଗଲା ପୋଷ୍ଟର୍
ତମ ଆସିବାର ଖବର ॥

ସବୁ ନୀଡ଼ହରା ପକ୍ଷୀଙ୍କୁ ,ବାଉଳା ପବନକୁ
ଜଣେଇ ଦିଆଗଲା ଗାଇବାକୁ ସ୍ୱାଗତ ସଙ୍ଗୀତ
କେଉଁ ମନ୍ତ୍ର ପାଠରେ କେଜାଣି
ତମେ ସୂଚିଗ୍ରସ୍ତ ହେଲ
ତୁମର ନିରାଜନା ହେଲା
କୋରାନ୍, ବାଇବେଲ୍ ନା ଗୀତାର
ପଂକ୍ତିରେ ଝଙ୍କୃତ ହେଲା ସ୍ଥବିର ପୃଥ୍ୱୀ ॥

ଜିଇଁବାର ଯେତେ ସବୁ ସମ୍ଭାବନା
ନୀବିଡତାର ଯେତେ ସବୁ କୋଳାଗ୍ରତ ମୃତ ଇଚ୍ଛା
ଅପହଞ୍ଚ ହେଲା ,ଧର୍ମର ମୂଖାପିନ୍ଧି
ନିଗିଡା ରକ୍ତକୁ ଘୃତକରି ଦିଆଗଲା ଯଜ୍ଞର ଆହୁତି

ତୁମ ପାଇଁ ଦୁଇ ପାର୍ଶ୍ୱେ ଦୁଇ ଖମ୍ବ
ଆଲ୍ଲା ଓ ଇଶ୍ୱର
ଉପରେ ଝୁଲା ହେଲା ଯୀଶୁ
ଚାରିକଡେ ଟଙ୍ଗା ହେଲା ଅହଙ୍କାରର ତୋରଣ
ସଜା ଗଲା ଫାଟକ - ରକତର ଝୋଟିରେ ..
- ଚିତ୍ରିତ ହେଲା ମାଟି
କେଉଁ କ୍ଲାନ୍ତ କପୋତର -
କଟା ଡେଣା ତଳେ ଅଙ୍କାହେଲା
ହଣ୍ଡ୍ରେଡ଼ ଫୋର୍ଟିଫୋର କର୍ଫ୍ୟୁ ର ମାନଚିତ୍ର

ପୋଲିସ୍ ,ଭ୍ୟାନ ,ସାଇରନର ଆତସ ବାଜିରେ
ତମରି ଅଭିଷେକ ହେଲା
ସବୁ ଲୁହରେ ଲୁହରେ
ଦୁଃଖର ଯନ୍ତ୍ରଣାରେ
ପୁଣି ଥରେ ପୃଥ୍ୱୀର ବୁକୁ ଚିରା ହେଲା
ରକତର ଛିଟାରେ ଛିଟାରେ
ସିନ୍ଦୁରା ଫାଟିଲା
ଭୋଅର ହେଲା ସତେ ..

ନୂଆବର୍ଷ
ଠିକ ଏମିତି ହିଁ ତୁମକୁ
ସ୍ୱାଗତ କରାଗଲା ॥

॥ ପ୍ରକାଶ ସମୟ - ଜାନୁଆରୀ – ୧୯୯୩ ॥
॥ ଓଡିଶା ॥